ଧରିତ୍ରୀ
DHARITRI
ସୋମବାର, ୪ ଜୁଲାଇ ୨୦୨୨



## ସଂକ୍ଷେପରେ

### ଗାଁ ମୁଣ୍ଡ ଚାଷ ଜମିରେ ଯୁବକଙ୍କ ମୃତଦେହ

ଆନନ୍ଦପୁର/ଘସିପୁରା,୩।୭(ସ୍ୱ.ପ୍ର./ଡି.ଏନ୍.ଏ.): କେନ୍ଦୁଝର ଜିଲା ଘସିପୁରା ଥାନା ଗୋପାଳପୁର ଗ୍ରାମ ନିକଟରେ ଥିବା ଏକ ଚାଷ ଜମିରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ଖାଳିଆମେଣ୍ଟା ହରିଜନ ସାହିର ହୃଷିକେଶ ମଲ୍ଲିକଙ୍କର ବୋଲି ଜଣାପଡିଛି। ଖବର ପାଇ ଘସିପୁରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ବାଇନ ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଶନିବାର ସକାଳୁ କାମ କରିବାକୁ ଯାଇ ହୃଷିକେଶ ଆଉ ଘରକୁ ଫେରିନଥିଲେ। ବହୁ ଆଡେ ଖୋଜାଖୋଜି କରି ପରିବାର ଲୋକେ ନିରାଶ ମଧ ହୋଇଥିଲେ। କିଛି ଦିନ ପୂର୍ବରୁ ହୃଷିକେଶଙ୍କର ଗ୍ରାମର ଅନ୍ୟ ଜଣେ ଯୁବକଙ୍କ ସହିତ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ପୋଲିସ ଏହି ଘଟଣାରେ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା
### ୭ ଦିନ ବିତିଲା, ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ

ଝୁମ୍ପୁରା, ୩।୭ (ଡି.ଏନ.ଏ.): କେନ୍ଦୁଝର ଜିଲା ଝୁମ୍ପୁରା ଥାନାରୁ ମାତ୍ର ୫୦ମିଟର ଦୂରରେ ଏକ ଆମ୍ବଗଛରୁ ଗତ ମାସ ୨୭ ତାରିଖରେ ଝୁଲନ୍ତା ଅବସ୍ଥାରେ ରେଣୁକା ଗିରି (୨୩) ନାମ୍ନୀ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ରେଣୁକାଙ୍କ ବାପା ମିହିର ଗିରି ଥାନାରେ ତାଙ୍କ ଝିଅକୁ ମାରି ଟାଙ୍ଗି ଦିଆଯାଇଛି ବୋଲି ଲିଖିତ ଅଭିଯୋଗ କରିଥିଲେ। ମୃତ୍ୟୁର ୭ଦିନ ବିତି ଯାଇଥିଲେ ହେଁ ପୋଲିସ ତଦନ୍ତ ସେପରି ଆଖିଦୃଶିଆ ହେଉନାହିଁ ବୋଲି ତାଙ୍କ ବାପା ମିହିର କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ, ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଏଯାଏ ମଳି ପାରିନାହିଁ। ଏହାବ୍ୟତୀତ ରେଣୁକାଙ୍କ ଜବତ ହୋଇଥିବା ମୋବାଇଲର କଲ ରେକର୍ଡ ମଧ ଯାଞ୍ଚ କରାଯାଉନାହିଁ। ଯାହାକି ପୋଲିସର କାର୍ଯ୍ୟକଳାପ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି ବୋଲି ତାଙ୍କ ବାପା କହିଛନ୍ତି। ଏସମ୍ପର୍କରେ ଝୁମ୍ପୁରା ଥାନାଧିକାରୀ ବରେନ୍ଦ୍ର ଶିଆଳଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ତଦନ୍ତ ଆଗେଇବ ବୋଲି କହିଛନ୍ତି।

### ଟ୍ରାକ୍ଟର ଓଲଟି ଯୁବକ ମୃତ

ସିମୁଳିଆ,୩।୭(ଡି.ଏନ.ଏ.)- ସିମୁଳିଆ ବ୍ଲକ ସଦର ମହକୁମା ମାର୍କୋଣା ବାଇପାସ୍ ରୋଡ୍‌ରେ ରବିବାର ଅପରାହ୍ନରେ ଏକ ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚନ୍ଦ୍ରକାନ୍ତ ପେଡ଼ା (୪୩)। ସେ ବାଇପାସ୍ ରୋଡ୍‌ରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ତାଙ୍କ ଉପରେ ଓଲଟି ପଡ଼ିଥିଲା। ଫଳରେ ଉକ୍ତ ଟ୍ରାକ୍ଟର ତଳେ ଚାପି ତାଙ୍କର ମୃତ୍ୟୁ ହୋଇଥିଲା।

### ଉନ୍ନୟନମୂଳକ କାର୍ଯ୍ୟରେ ପ୍ରତିବନ୍ଧକ ଅଭିଯୋଗ

ସୋର, ୩।୭(ଡି.ଏନ.ଏ.)-ସୋର ମ୍ୟୁନିସିପାଲିଟି ଅଧୀନ ୧ନଂ. ୱାର୍ଡ ବଡଖୁରୀ ମୌଜାରେ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରାଯାଉଥିବା ନେଇ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଏହି ଗ୍ରାମରେ ୯ ଏକର ପରିମିତ ଜମିରେ ଏକ ପୋଖରୀର ପୁନରୁଦ୍ଧାର ସହ ୮୦ ଡିସିମିଲ୍ ସଂଲଗ୍ନ ଜମିରେ ୪୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଜିମ୍ ଓ ପାର୍କ ନିର୍ମାଣ ପାଇଁ ଏସଏଚଜି ମାଧମରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏହି ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ପଦକ୍ଷେପ ଗ୍ରହଣ ଆରମ୍ଭ ହୋଇଛି। ଏହି ଉନ୍ନୟନ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଜବରଦଖଲକାରୀଙ୍କ ପକ୍ଷରୁ ମକଦ୍ଦମା ଆରମ୍ଭ ହୋଇଥିବା ନେଇ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ଦେଜୁଛି। ଏନେଇ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସୁଦାମ ଘଡାଇ, ଭରତ ଚନ୍ଦ୍ର ଧଡା, ଶ୍ରୀକାନ୍ତ ସାହୁ, ଜଗବନ୍ଧୁ ଘଡାଇ, ପ୍ରଫୁଲ୍ଲ ଘଡାଇ, ବିରେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଘଡାଇ, ଚିନ୍ତାମଣୀ ଦାସଙ୍କ ସହ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

# ନିଅଣ୍ଟିଆ ବର୍ଷା ଯୋଗୁ ଚିନ୍ତାରେ ଚାଷୀ

- ଏଯାଏ ହୋଇପାରିଲାନି ତଳିପକା
- ଚାଷଜମିରେ ଚରିଲେଣି ଗୋରୁ

ଭଦ୍ରକ ଅଫିସ, ୩।୭

ନିଅଣ୍ଟିଆ ବର୍ଷା ଯୋଗୁ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରେ ଚାଷଜମି ଶୁଖିଲା ପଡ଼ିଛି। ଜୁଲାଇ ବେଳକୁ ଜମିରେ ଧାନ ତଳି ପକା କାର୍ଯ୍ୟ ସରି ରୁଆ ଆରମ୍ଭ ହେବା କଥା। କିନ୍ତୁ ପାଣି ଅଭାବରୁ ଚାଷଜମି ଗୋରୁଙ୍କ ଚାରଣ ଭୂମି ପାଲଟିଛି। ଏପଟେ ଚାଷୀମାନେ ବିଳମ୍ବିତ ମୌସୁମୀ ବର୍ଷାକୁ ନେଇ ଚିନ୍ତାରେ ଅଛନ୍ତି। ବିଳମ୍ବରେ ଚାଷ ଆରମ୍ଭ ହେଲେ ଅମଳ କମିବା ଆଶଙ୍କା ସହ ରୋଗ ପୋକ ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି। ଜୁନ୍ ୨ୟ ସପ୍ତାହରେ ମୌସୁମୀ ବର୍ଷା ଓଡ଼ିଶାରେ ପହଞ୍ଚିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରକାଶ ପାଇବା ପରେ ସଅଳ ତଳି ପକାଇ ରୁଆ ଆରମ୍ଭ ହୋଇଯିବ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ। ସାଧାରଣତଃ ରଜପରେ ଅର୍ଥାତ୍ ଜୁନ୍ ୩ୟ ସପ୍ତାହରେ ତଳିପକା କାମ ଆରମ୍ଭ ହୁଏ। କିନ୍ତୁ ଚଳିତବର୍ଷ ଜୁନ୍ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିବାରୁ ଏପର୍ଯ୍ୟନ୍ତ ତଳି ପଡ଼ି ପାରିନାହିଁ। କେବେ ବିଲରେ ପାଣି ହେବ ତଳି ପଡ଼ିବ ସେ ନେଇ ଅନିଶ୍ଚିତତା ଭିତରେ ରହିଛନ୍ତି ଚାଷୀ। ଅପରପକ୍ଷେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜମିରେ ଅନାବନା ଘାସ ବୃଦ୍ଧି ପାଉଥିବାରୁ ଘାସ ଦମନ ଚାଷୀଙ୍କ ଚିନ୍ତା ବଢ଼ାଇଛି।

ଜିଲା ମୁଖ୍ୟ କୃଷି ଅଧିକାରୀ ଉଦିତ୍ କୁମାର ରାୟଙ୍କ ସୂଚନା ଅନୁଯାୟୀ, ଜିଲାରେ ଚଳିତବର୍ଷ ୧ ଲକ୍ଷ ୭୪ ହଜାର ୬୩ ହେକ୍ଟର ଜମିରେ ଚାଷ କରାଯିବା ପାଇଁ ଲକ୍ଷ୍ୟ ରହିଛି। ସେଥିମଧ୍ୟରୁ ୧ ଲକ୍ଷ ୬୧ ହଜାର ୫ଶହ ହେକ୍ଟର ଜମିରେ ଧାନ ଓ ୧୨ ହଜାର ୫୬୩ ହେକ୍ଟର ଜମିରେ ଅଣଧାନ ଚାଷ କରାଯିବ। ବର୍ତ୍ତମାନ ସୁଦ୍ଧା ସେଥିମଧ୍ୟରୁ ୧୭ ହଜାର ୫୮୨ ହେକ୍ଟର ଜମିରେ ଧାନ ବୁଣା ହୋଇଛି। ୧୮୨୮ ହେକ୍ଟର ଜମିରେ ତଳିପକା ହୋଇଥିବା ବେଳେ ସେଥିମଧ୍ୟରୁ ୧୩୮୩ ହେକ୍ଟର ଜମିରେ ଖରାଟିଆ ତଳି ଓ ୪୪୫ ହେକ୍ଟର ଜମିରେ ଆର୍ଦ୍ର ତଳି ପକାଯାଇଛି।



ବନ୍ତ ବ୍ଲକ ଆଡ଼ିଆ ଅଞ୍ଚଳରେ ଚାଷଜମିରେ ଗୋରୁ ଚରୁଛନ୍ତି।

## କେନାଲ ଶୁଖିଲା, ଜମିକୁ ମାଡ଼ିପାରୁନି ପାଣି

ଭଣ୍ଡାରିପୋଖରୀ, ୩।୭ (ସ୍ୱ.ପ୍ର.)

ମୌସୁମୀ ଲୁଚକାଳି ଖେଳୁଛି। ବର୍ଷା ଅଭାବରୁ ବିଲରେ ପଡ଼ିଥିବା ଧୂଳିଆ ଧାନ ତଳି ଗଜା ମରୁଡ଼ି ହେବାକୁ ବସିଛି। ବର୍ଷାକୁ ଅନେଇ ବସିଥିବା ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଖରିଫ ଚାଷ ଲାଗି ଅଣ୍ଟା ଭିଡୁଥିବା ବେଳେ ଦୁର୍ବଳ ମୌସୁମୀ ବର୍ଷା ସେମାନଙ୍କୁ ଚିନ୍ତାରେ ପକାଇଛି। ଆଷାଢ଼ ଯାଇ ଶ୍ରାବଣ ହେବାକୁ ଆଉ କିଛି ଦିନ ବାକି ଅଛି। ହେଲେ ଧାନ ତଳି ଉତାରି ହୋଇପାରୁ ନାହିଁ। ଗଜା ବାହାରି ପାଣି ଅଭାବରୁ ତାହା ଗଛ ହୋଇପାରୁନି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଗୋଟିଏ ପଟେ ନିଅଣ୍ଟିଆ ବର୍ଷାକୁ ଅନ୍ୟପଟେ ବ୍ଲକରେ ଥିବା କେନାଲଗୁଡ଼ିକ ଶୁଖିଲା ପଡ଼ିଛି।

ଭଣ୍ଡାରିପୋଖରୀ ପରି ଏକ କୃଷିପ୍ରଧାନ ନିର୍ବାଚନମଣ୍ଡଳୀରେ ଆଜି ପର୍ଯ୍ୟନ୍ତ ସବୁ ଅଞ୍ଚଳକୁ ପର୍ଯ୍ୟାପ୍ତ ଜଳସେଚନ ହୋଇପାରି ନାହିଁ। ଯେଉଁ ଅଞ୍ଚଳକୁ କେନାଲ ସଂଯୋଗ ହୋଇଛି, ସେ କେନାଲରେ ବି ଟୋପାଏ ପାଣି ନାହିଁ। ଫଳରେ ଚାଷଜମିକୁ ପାଣି ମାଡ଼ିପାରୁ ନାହିଁ। ବର୍ଷା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଏହି ଅଞ୍ଚଳର ଚାଷୀ ମରୁଡ଼ି ଆଶଙ୍କା ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ବିଲରେ ଟ୍ରାକ୍ଟର କିମ୍ବା ଲଙ୍ଗଳ ବୁଲିପାରୁ ନାହିଁ। କେନାଲରେ ପାଣି ଆସିଲେ ଅନେକ ଅଞ୍ଚଳରେ ଚାଷ କାର୍ଯ୍ୟ ଆରମ୍ଭ ହୋଇପାରନ୍ତା। ୫ ଓ ୬ ନଂ. କେନାଲ ସମେତ ପ୍ରାୟ ସମସ୍ତ କେନାଲରେ ପାଣି ଛଡ଼ାଗଲେ ବିଶେଷକରି ଜଳମଣ୍ଡୁଆ, ଦଇପୁର, ବିଷ୍ଣୁପୁର ଆଦି ପଞ୍ଚାୟତର ଚାଷୀକୁଳ ଉପକୃତ ହୋଇପାରନ୍ତେ ବୋଲି ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ କୁମାର ନାୟକ ଓ ଜଳମଣ୍ଡୁଆ ସମିତିସଭ୍ୟ ଜୀବନାନନ୍ଦ ବାରିକ ପ୍ରକାଶ କରିଛନ୍ତି। ସମସ୍ତ ଲିଫ୍ଟ ଇରିଗେଶନ ସିଷ୍ଟମ ମରାମତି କରି ଜଳ ଯୋଗାଇବା ସହ କେନାଲକୁ ପାଣି ଛଡ଼ାଯିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ବାରିକପୁର ଜଳସେଚନ ଡିଭିଜନର କନିଷ୍ଠ ଯନ୍ତ୍ରୀ ନରସିଂହ ସୋରେନଙ୍କୁ ପଚାରିବାରୁ ଆସନ୍ତା ୧୦ ତାରିଖ ସୁଦ୍ଧା କେନାଲରେ ପାଣି ଛଡ଼ାଯିବ ବୋଲି କହିଛନ୍ତି।



୫ ନଂ. କେନାଲ।

## ଗୋପବନ୍ଧୁ ନଗର ବ୍ଲକରେ ଥାନା ପ୍ରତିଷ୍ଠା ଦାବି

କୁଆମରା,୩।୭(ଡି.ଏନ.ଏ)

ପ୍ରତି ବ୍ଲକରେ ଗୋଟିଏ ଥାନା ପ୍ରତିଷ୍ଠା ହେବ। ଆବଶ୍ୟକ ସ୍ଥଳେ ବଡ଼ ବଡ଼ ବ୍ଲକରେ ଅଧିକ ସଂଖ୍ୟକ ଲୋକ ଥିଲେ ଦୁଇଟି ଥାନା ପ୍ରତିଷ୍ଠା କରାଯାଇ ପାରିବ ବୋଲି ସରକାର ୨୦୦୮ରେ ନିଷ୍ପତ୍ତି ନେଇଥିଲେ। ମାତ୍ର ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକରେ ଅଦ୍ୟାବଧି ଥାନା ପ୍ରତିଷ୍ଠା ହୋଇ ପାରିନାହିଁ।

ବହୁ ପୂର୍ବରୁ ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକକୁ ନେଇ ଗୋଟିଏ ଥାନା ଖୁଣ୍ଟାଠାରେ ପ୍ରତିଷ୍ଠା ହୋଇଛି। ଏହି ଦୁଇ ବ୍ଲକର ମୋଟ ୨୭ଟି ପଞ୍ଚାୟତରେ ମୋଟ ଜନସଂଖ୍ୟା ୧ଲକ୍ଷ ୭୦ ହଜାର। ସେଥିମଧ୍ୟରୁ ଗୋପବନ୍ଧୁ ନଗର ବ୍ଲକରେ ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ପ୍ରତି ବର୍ଷ ଉକ୍ତ ଥାନାରେ ୩୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହେଉଥିବା ବେଳେ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳର ୭୦ ପ୍ରତିଶତ ମାମଲା ପଞ୍ଜୀକୃତ ହେଉଥିବା ପୋଲିସ ରେକର୍ଡରୁ ଜଣା ପଡ଼ିଛି। ୨୦୦୮ରୁ ୨୦୨୨ ମଧ୍ୟରେ ସମୀକ୍ଷା କଲେ ହତ୍ୟା, ବଳାତ୍କାର, ରାହାଜାନୀ, ଚୋରି ଭଳି ଅପରାଧ ଉକ୍ତ ବ୍ଲକରେ ବୃଦ୍ଧି ପାଇବାରେ ଲାଗିଛି। ଥାନାଠାରୁ ବ୍ଲକର ଶେଷ ସୀମା ୩୦ରୁ ୪୦ କି.ମି. ଦୂର ହେଉଥିବାରୁ ଜରୁରୀକାଳୀନ ସମୟରେ ପ୍ରଶାସନିକ ସେବା ମିଳିବାରେ ବିଳମ୍ବ ଘଟୁଛି। ଏହା ବ୍ୟତୀତ ଏହି ବ୍ଲକର କୁଶଳଦା, ଜୟପୁର ଓ ବରଡିହି ପଞ୍ଚାୟତ ଉଦଳା ଥାନା ଅଧୀନରେ ରହୁଥିବାରୁ ସେଠାକାର ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକର କୁଶଳଦା ଓ କୁଆମରାଠାରେ ଦୁଇଟି ଫାଣ୍ଡି ରହିଥିବା ବେଳେ ବ୍ଲକର ମଧ୍ୟସ୍ଥଳୀ କିମ୍ବା ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ଥାନା ପ୍ରତିଷ୍ଠା କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ବ୍ଲକକୁ ବିଭିନ୍ନ କ୍ଷେତ୍ରରେ ଅବହେଳା କରାଯିବା ସହ ଥାନା ପ୍ରତିଷ୍ଠା ନ ହୋଇ ପାରିବା ପଛରେ ବିଭାଗୀୟ ଇଚ୍ଛା ଶକ୍ତିର ଅଭାବ ସହ ପ୍ରଶାସନିକ ସ୍ଥାଣୁତା ଦାୟୀ ବୋଲି ଆରପଟା ସରପଞ୍ଚ ସଞ୍ଜୟ କୁମାର ସିଂ, ପୁରୁଣା ବାରିପଦା ସରପଞ୍ଚ ଭୋଳାନାଥ ସିଂ, ପୂର୍ବତନ ଜିଲା ପରିଷଦ ସଦସ୍ୟ ନରେନ୍ଦ୍ର ପାତ୍ର , ମୁରଲୀଧର ସିଂ, କମଳାକାନ୍ତ ଚୌଧୁରୀ, କାଳି ପ୍ରସନ୍ନ ଦାସ, ବିମଳ ପ୍ରସାଦ ମିଶ୍ର ଓ ଅରୁଣ କୁମାର ମଡୁଆଳ ପ୍ରମୁଖ କହିଛନ୍ତି।

## ପୋଖରୀରେ ବୁଡ଼ି ୨ ମୃତ

ରୂପସା/ସୋର,୩।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଓ ସୋର ମ୍ୟୁନିସିପାଲିଟି ଅଞ୍ଚଳରେ ପୋଖରୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ହୋଇଛି। ବସ୍ତା ଥାନା ଛଚିନା ଗ୍ରାମର ବିଶ୍ୱମ୍ଭର ସାସମଲଙ୍କ ସ୍ତ୍ରୀ ଗୀତାଞ୍ଜଳି (୩୨) ଅସାବଧାନତା ବଶତଃ ଘର ପାଖ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ବସ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୨) ରୁଜୁ ହୋଇଛି।

ସେହିପରି ସୋର ମ୍ୟୁନିସିପାଲିଟି ଅଧୀନ ୯ନଂ. ୱାର୍ଡ ଛତ୍ରପୁର ଗ୍ରାମରେ ଜଣେ ପରିବା ବ୍ୟବସାୟୀ ଶନିବାର ରାତିରେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ସୁକୁମାର କର(୫୬)। ଘର ନିକଟସ୍ଥ ଏକ ପୋଖରୀକୁ ଶୌଚ ଲାଗି ଯାଇଥିବା ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ଘୋଷଣା କରିଥିଲେ।

## ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ

କେନ୍ଦୁଝର, ୩।୭ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ସହରସ୍ଥ ସଂସ୍କୃତି ଭବନଠାରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ସଂଘର ସଭାପତି ରାଜେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ସଂଘର ସଭାପତି ଦିଲ୍ଲୀପ କୁମାର ରାଉତଙ୍କ ସଂଯୋଜନାରେ ପରିଚାଳିତ ସଭାରେ ରାଜ୍ୟ ସଂଘର ଉପସଭାପତି ମନୋଜ କୁମାର ମହାନ୍ତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ଉପଦେଷ୍ଟା ବିଜୟ କୁମାର ମିଶ୍ର ବିବରଣୀ ପଠନ କରିଥିଲେ। ଏଥିରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଖଗେନ୍ଦ୍ର ପାଲ, ମହାସଚିବ ବିକ୍ରମ ରଥ, କାର୍ଯ୍ୟକାରୀ ସଭାପତି ସହସ୍ରାଂଶୁ ଶେଖର ମହାନ୍ତି, କୋଷାଧ୍ୟକ୍ଷ ପବିତ୍ର ମୋହନ ଜେନା, ଯୁଗ୍ମ ସମ୍ପାଦକ ମାୟାଧର ମଲ୍ଲିକ, ଭଦ୍ରକ ଜିଲା ସଭାପତି ଅରବିନ୍ଦ ଦୀକ୍ଷିତ, ମୟୂରଭଞ୍ଜ ଜିଲା ସମ୍ପାଦକ ରାଜେନ୍ଦ୍ର ମହାନ୍ତ, ନବରଙ୍ଗପୁର ସମ୍ପାଦକ ଗଣେଶ ପ୍ରସାଦ ରଣା, କେନ୍ଦୁଝର ଜିଲା ସମ୍ପାଦକ ଉମାଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କେନ୍ଦୁଝର ଜିଲ୍ଲାର ୧୩ଗୋଟି ବ୍ଲକର ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ରାଜ୍ୟ ସଂଘର ନେତୃତ୍ୱକୁ ସମର୍ଥନ କରିଥିଲେ। ନୂତନ ପେନ୍‌ସନ୍ ବ୍ୟବସ୍ଥା ଉଚ୍ଛେଦ କରି ପୂର୍ବପରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଛି। ସମସ୍ତ ଜିଲା କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା।

## 'ଯୁବ ସମାଜ ରକ୍ତଦାନ ପାଇଁ ଆଗେଇ ଆସନ୍ତୁ'




ରକ୍ତଦାନ ଶିବିର।

ନୀଳଗିରି,୩।୭(ସ୍ୱ.ପ୍ର)

ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସି ପୋଷ୍ଟ ଅଫିସ ନିକଟ ଜଗନ୍ନାଥ କଲ୍ୟାଣ ମଣ୍ଡପ ସମ୍ମୁଖରେ ଶିଶିର ମହାପାତ୍ର ଫାଉଣ୍ଡେସନ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସବ୍ୟସାଚୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିବା ସହ ଅନ୍ୟର ଜୀବନ ବଞ୍ଚାଇବା ଲାଗି ଯୁବ ସମାଜ ରକ୍ତଦାନ କରିବାକୁ ଆଗେଇ ଆସନ୍ତୁ ବୋଲି କହିଥିଲେ।

ରକ୍ତ ସଂଗ୍ରହ କାର୍ଯ୍ୟକ୍ରମରେ ସରୋଜ ପାଣା ଓ ତାଙ୍କର ଅନ୍ୟ କର୍ମକର୍ତ୍ତା ସାମିଲ ଥିଲେ। ଶିବିରରେ ମୋଟ୍ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଫାଉଣ୍ଡେସନର ସଦସ୍ୟ ପ୍ରତାପ ସେଠୀ, ଶିବୁ ସିଂହ, ନିଗମ ମହାପାତ୍ର, କମଳ ଲୋଚନ ମିଶ୍ର, ମନରଞ୍ଜନ ବେହେରା, ଲଲାଟେନ୍ଦୁ ଦାସ, ଅରୁଣ ସ୍ୱାଇଁ ଓ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଶ୍ରୀଗୁଣ୍ଡିଚା ଯାତ୍ରା ଦେଖିବାକୁ ଆସିଥିବା ଶତାଧିକ ଭକ୍ତଙ୍କୁ ସବ୍ୟସାଚୀ ଫାଉଣ୍ଡେସନ୍ ପକ୍ଷରୁ ଟଙ୍କତୋରାଣି ବଣ୍ଟନ କରାଯାଇଥିଲା।

## ବିଶ୍ୱ କର୍ତ୍ତବ୍ୟ ଦିବସ

ଭଦ୍ରକ ଅଫିସ, ୩।୭

ଆଦର୍ଶବାଦୀ ଚିନ୍ତାଧାରାକୁ ପାଥେୟ କରି ବିଶିଷ୍ଟ ମାନବାଧିକାର କର୍ମୀ ତଥା ସାମାଜିକ କର୍ମୀ ରାଧାକାନ୍ତ ତ୍ରିପାଠୀ ଜୁନ୍ ୩୦ ତାରିଖକୁ ବିଶ୍ୱ କର୍ତ୍ତବ୍ୟ ଦିବସ ରୂପେ ପାଳନ କରିଆସୁଛନ୍ତି। ଆମମାନଙ୍କର କର୍ତ୍ତବ୍ୟବୋଧ କେବଳ ମଣିଷ ସମାଜ ମଧ୍ୟରେ ସୀମିତ ନୁହେଁ, ବରଂ ପ୍ରାଣୀ, ପକ୍ଷୀ ସର୍ବୋପରିପରିବେଶ ପ୍ରତିଅଙ୍ଗୀକାରବଦ୍ଧତା ରହିବା ଦରକାର ବୋଲି ସେ କହିଛନ୍ତି। ଭଦ୍ରକ ସହର ଉପକଣ୍ଠ ଡଗମୁଣ୍ଡ କୁଷ୍ଠ କଲୋନୀର ଅନ୍ତେବାସୀମାନଙ୍କ ସହ ଏହି ଦିବସ ପାଳନ କରିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଚାରାରୋପଣ, ବୁଲା ଗୋରୁ, ପ୍ରାଣୀ ପକ୍ଷୀଙ୍କୁ ଖାଦ୍ୟ ବଣ୍ଟନ ଓ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

## ଗଛରୁ ପଡ଼ି ୨ ଯୁବକ ଗୁରୁତର

ଯୋଡ଼ା,୩।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ବିଚାକୁଣ୍ଡି ଠାରେ ରବିବାର ଏକ ବିରାଟ ଶାଳ ଗଛ ପଡ଼ି ୨ ଯୁବକ ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ବିଚାକୁଣ୍ଡି ଅଞ୍ଚଳର ରାଜେନ୍ଦ୍ର ମୁଣ୍ଡା, ରାଜୁ ମୁଣ୍ଡା ଓ ଦୁର୍ଗା କଚ୍ଛପ ଏକ ବାଇକ ଯୋଗେ ଯୋଡ଼ାରୁ ନିଜ ଘରକୁ ଫେରୁଥିଲେ। ଫେରିବା ସମୟରେ ରାସ୍ତାକଡ଼ରେ ବାଇକ ରଖି କଥା ହେଉଥିଲା ବେଳେ ଏକ ଶାଳ ଗଛ ହଠାତ୍ ସେମାନଙ୍କ ଉପରେ ପଡିଯାଇଥିଲ। । ଯାହାଫଳରେ ରାଜେନ୍ଦ୍ର ମୁଣ୍ଡା ଅଳ୍ପକେ ବର୍ତ୍ତି ଯାଇଥିଲା ବେଳେ, ଅନ୍ୟ ଦୁଇଜଣ ରାଜୁ ମୁଣ୍ଡା ଓ ଦୁର୍ଗା କଚ୍ଛପ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ସେମାନଙ୍କ ବାଇକ ମଧ ଭାଙ୍ଗିରୁଜି ଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଗଗୁଆ ସେବାଶ୍ରମରେ ବନ ମହୋତ୍ସବ

ଖଇରା,୩।୭(ଡି.ଏନ.ଏ)

ଖଇରା ବ୍ଲକ ଗଡ଼ପୋଖରୀ ପଞ୍ଚାୟତ ଅଧୀନ ଗଗୁଆ ସେବାଶ୍ରମ ପରିସରରେ ରବିବାର ଯୁବ ନେତା ବିଜୟ କୁମାର ବାରିକଙ୍କ ନେତୃତ୍ୱରେ ୭୩ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଖଇରା ବ୍ଲକ ଜନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦିବ ସୁନ୍ଦର ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗଡ଼ପୋଖରୀ ସରପଞ୍ଚ ଟିକିରାଣୀ ସେଠୀ, ସମିତି ସଭ୍ୟ ଶତ୍ରୁଘ୍ନ ସେଠୀ ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ। ବୃକ୍ଷ ମାନବ ଭାବେ ପରିଚିତ ବିଜୟ ଜେନା,ପ୍ରତିଭା ଜେନା,ଗଗୁଆ ସେବାଶ୍ରମ ପ୍ରଧାନ ଶିକ୍ଷୟତ୍ରୀ ନୟନା ପଣ୍ଡା ,ପୂର୍ବତନ ପ୍ରଧାନ ଶିକ୍ଷକ ତପନ କୁମାର ବେହେରାଙ୍କ ସମେତ ସେବାଶ୍ରମର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଆମ୍ବ, କଦମ୍ବ, ପଣସ,ନିମ୍ବ, ନଡ଼ିଆ ଇତ୍ୟାଦି ପ୍ରଜାତିର ୨୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା।



ବନ ମହୋତ୍ସବ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ଭଙ୍ଗା ଘରେ ଚାଲିଛି ପାଠପଢ଼ା

**ଶ୍ରେଣୀ ଗୃହ ଅଭାବରୁ ବାରଣ୍ଡାରେ ବସୁଛନ୍ତି ଛାତ୍ରୀଛାତ୍ର**

ବାହାନଗା,୩।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାହାସପୁରା ପଞ୍ଚାୟତରେ ଥିବା ନେତାଜୀ ହାଇସ୍କୁଲର ଛାତ୍ରୀଛାତ୍ର ବିପଦସଙ୍କୁଳ ଭଙ୍ଗାଘରେ ଓ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ୧୯୯୪ରେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଏବେ ନାନା ଅବ୍ୟବସ୍ଥା ଦେଖାଦେଇଛି।

ଏହି ବିଦ୍ୟାଳୟରେ ପଢୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷୟତ୍ରୀ ନିଯୁକ୍ତି କରାଯାଇଛି। ଏହି ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟରେ ମୋଟ ୯ଜଣ ଶିକ୍ଷକ ଓ ୪ କର୍ମଚାରୀ ଅଛନ୍ତି। ୨୦୦୮-୦୯ରେ ଏହା ବ୍ଲକଗ୍ରାଣ୍ଟ ମାନ୍ୟତା ପାଇବା ସହ ଅଷ୍ଟମ,ନବମ ଓ ଦଶମ ଶ୍ରେଣୀ ଥିଲା। ୨୦୧୮-୧୯ରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସର୍ବଶିକ୍ଷା ଅଭିଯାନରେ ସାମିଲ କରାଯାଇଥିଲା। ଏବେ ଏହି ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୯୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନେ ଭଙ୍ଗା ଘରେ ପାଠ ପଢ଼ିବା ସହ ଶ୍ରେଣୀ ଗୃହ ଅଭାବରୁ ବାରଣ୍ଡାରେ ବସୁଛନ୍ତି। ବିଦ୍ୟାଳୟର ଗୋଟିଏ ଅଫିସ ଗୃହ, ଶିକ୍ଷକଙ୍କ ପାଇଁ କମନରୁମ୍ ସହ ଦୁଇଟି ଶ୍ରେଣୀ ପ୍ରକୋଷ୍ଠ ରହିଛି। ଯାହର କାନ୍ଥ, ଛପର ଭଙ୍ଗା ଅବସ୍ଥାରେ ଅଛି। ଯେ କୌଣସି ମୁହୂର୍ତ୍ତରେ ଏହା ଭାଙ୍ଗି ପଡ଼ିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ବିଦ୍ୟାଳୟଟି ୨୦୨୧ରେ ଏଡେଡ୍ ବିଦ୍ୟାଳୟରେ ପରିଣତ ହୋଇଥିବା ବେଳେ ଅଦ୍ୟାବଧି କୌଣସି ସରକାରୀ ଅନୁଦାନ ମିଳିନାହିଁ। ୨୦୧୬-୧୭ରେ ବିଧାୟକ ପର୍ଶୁରାମ ଧଡ଼ା ୫ଲକ୍ଷ ଟଙ୍କା ଘର ପାଇଁ ଅନୁଦାନ ଦେଇଥିବା ବେଳେ ୫ବର୍ଷ ହେବ ତାହା ସମ୍ପୂର୍ଣ୍ଣ ହୋଇ ନ ଥିବା ଦେଖାଯାଇଛି। ଯାହାକି କମ୍ପ୍ୟୁଟର ଗୃହ ଭାବେ ବ୍ୟବହାର କରାଯିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଏଠାରେ ଶୌଚାଳୟ ଓ ପାଣି ପ୍ରକଳ୍ପ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ହଇରାଣ ହେବାକୁ ପଡୁଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମିହିର ପ୍ରଧାନଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ସେହିପରି ଜିଲା ଶିକ୍ଷାଧିକାରୀ ବିଷ୍ଣୁମୋହନ ସୂତାରଙ୍କୁ ପଚାରିବାରୁ ଏଡେଡ୍ ବିଦ୍ୟାଳୟ ହୋଇଥିବାରୁ ଆମ ପାଖରେ କିଛି ନାହିଁ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହାର ସମାଧାନ କରାଯାଇ ପାରିବ ବୋଲି କହିଛନ୍ତି।



ସାହାସପୁରା ନେତାଜୀ ହାଇସ୍କୁଲ।

ଧରିତ୍ରୀ
DHARITRI
ସୋମବାର, ୪ ଜୁଲାଇ ୨୦୨୨



## ଗଛ ଉପୁଡ଼ି ରାସ୍ତା ଅବରୋଧ

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝର ସହରରୁ ଧ୍ରୁପଦା ଦେଇ ରାଇସୁଆଁ ଯାଇଥିବା ବାଇପାସ ରାସ୍ତାର ବାଲିଆଗୁଡା ଅଣ୍ଡରପାସ ନିକଟରେ ଏକ ବିରାଟ ଗଛ ରବିବାର ଉପୁଡ଼ି ପଡ଼ିବା ଫଳରେ ରାସ୍ତା ଅବରୋଧ ହୋଇଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବ୍ୟାହତ ହୋଇଛି। ସେ ସମୟରେ କୌଣସି ଗାଡ଼ି କିମ୍ବା ଲୋକ ଯାଇ ନ ଥିବାରୁ ବଡ ଧରଣର ଦୁର୍ଘଟଣା ହେବାରୁ ବର୍ତ୍ତିଯାଇଛି।

# ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲେ ତିନିଠାକୁର

**ବାରିପଦା ଅଫିସ,୩।୭**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପରମ୍ପରା ଅନୁଯାୟୀ ରଥଟଣା ଦ୍ୱିତୀୟ ଦିନରେ ରବିବାର ତିନିଠାକୁର ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚିଛନ୍ତି। ଶନିବାର ବଡ଼ଭାଇ ବଳଭଦ୍ର ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚି ଭାଇ ଓ ଭଉଣୀଙ୍କୁ ଅପେକ୍ଷା କରିଥିଲେ। ଟାଉନ ଥାନା ସମ୍ମୁଖରେ ଅଟକି ଥିବା ଦେବୀ ସୁଭଦ୍ରା ଏବଂ ରଥଖଳାରେ ଥିବା କଳାଠାକୁରଙ୍କ ରଥକୁ ଟାଣି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇବା ପାଇଁ ଶୁକ୍ରବାର ପହଣ୍ଡି ବିଜେ ଠାରୁ ଭକ୍ତମୟ ହୋଇପଡିଥିଲା ବଡ଼ଦାଣ୍ଡ।

ପ୍ରଭୁଙ୍କୁ ଦର୍ଶନ କରି ଭକ୍ତମାନେ ଆତ୍ମବିଭୋର ହୋଇପଡିଛନ୍ତି । ଅନୁକୂଳ ପାଗ ପାଇଁ ରବିବାର ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା। ଭକ୍ତଙ୍କ ଆବେଗମୟ ଅପେକ୍ଷାର ପରିସମାପ୍ତି ଘଟିଥିଲା। ଗୁଲୁଗୁଲି ଗରମକୁ ଖାତିର ନକରି ରଥ ଦଉଡ଼ି ସ୍ପର୍ଶ ତଥା ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନେ ଅପେକ୍ଷା କରିଥିଲେ। ଦେବୋତ୍ତର ବିଭାଗର ସମୟାନୁଯାୟୀ ଅପରାହ୍ନ ୨ଟା ୩୦ରେ ଟାଉନ ଥାନା ସମ୍ମୁଖରେ ଥିବା ସୁଭଦ୍ରାଙ୍କ ରଥରୁ କେବଳ ମହିଳା ଶ୍ରଦ୍ଧାଳୁଙ୍କୁ ଶ୍ରଦ୍ଧା ଲଡୁ ଫିଙ୍ଗା ଯାଇଥିଲା। ପରେ ୨ଟା ୪୦ରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ଭକ୍ତମାନେ ଟାଣି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଅପରାହ୍ନ ୪ଟା ୩୦ରେ ଜୟ ଜଗନ୍ନାଥ ଧ୍ୱନି ଦେଇ ବଡ଼ଠାକୁର ଜଗତର ନାଥ ଜଗନ୍ନାଥଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣିଥିଲେ। କାଳିଆ ଠାକୁରଙ୍କ ରଥ ୫ଟା ୩୦ରେ ମାଉସୀ ଶ୍ରୀଗୁଣ୍ଡିଚା ସମ୍ମୁଖରେ ପହଞ୍ଚିଥିଲା। ରଥ ପହଞ୍ଚିବା ପରେ ଉପସ୍ଥିତ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ଶ୍ରଦ୍ଧା ଲଡୁ ବଣ୍ଟନ କରାଯାଇଥିଲା। ପରେ ରଥାରୁଢ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରି ଅପାରକୃପା ଲାଭ କରିଥିଲେ । ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଜିଲାପାଳ ବିନୀତ ଭରଦ୍ୱାଜ, ଦେବୋତ୍ତର ଅଧିକାରୀ ତଥା ବାରିପଦା ସଦର ଉପଜିଲାପାଳ ଅନ୍ୟା ଦାସ, ଅଭିନେତା ଅସିତ ପତି, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷା ସୀମା ଦାସ, ଦେବାଶିଷ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ରହି ରଥ ଟଣାରେ ସାମିଲ ହୋଇଥିଲେ। ରାତି ୧୦ଟା ୩୦ ମଧ୍ୟରେ ରଥାରୁଢ ଦିଅଁଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ କରାଯିବାର କାର୍ଯ୍ୟକ୍ରମ ରହିଛି। ସୋମବାର ଠାରୁ ୯ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୭ଟାରୁ ରାତ୍ର ୧୦ଟା ୩୦ ମଧ୍ୟରେ ମହାପ୍ରଭୁଙ୍କର ବେଶ ଦର୍ଶନ କାର୍ଯ୍ୟକ୍ରମ ରହିଛି । ସେହିପରି ଲାଲବଜାର ସ୍ଥିତ ବାଣ୍ଟିଆ ଜଗନ୍ନାଥ ମନ୍ଦିରରେ ରବିବାର ସକାଳ ୧୦ଟାରେ ରଥଟଣା ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ ବାରିପଦା ବଡ଼ଜଗନ୍ନାଥ ମନ୍ଦିର ରଥ ଟଣାଯିବାର ଗୋଟିଏ ଦିନ ପରେ ବାଣ୍ଟିଆ ଜଗନ୍ନାଥ ମନ୍ଦିରର ରଥଟଣା ହୋଇଥାଏ। ଏହି ରଥକୁ ଛୋଟ ଛୋଟ ପିଲାମାନେ ଟାଣିବାର ପରମ୍ପରା ରହିଥିବାରୁ କୁନି କୁନି ପିଲାଙ୍କ ଦ୍ୱାରା ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଛି। ଶ୍ରୀଜୀଉଙ୍କ ବେଶ ନିମନ୍ତେ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରମ୍ପରା ଅନୁଯାୟୀ ୧୦ ଓ ୧୧ତାରିଖ ଦୁଇ ଦିନ ଧରି ଦିବା ୨ଟା ୩୦ରୁ ୫ଟା ୩୦ମଧ୍ୟରେ ବାହୁଡ଼ାଯାତ୍ରା ସମ୍ପନ୍ନ ହେବ। ୧୧ତାରିଖ ସନ୍ଧ୍ୟା ୬ଟା ୩୦ରୁ ୭ଟା ୩୦ ମଧ୍ୟରେ ମା' ଲକ୍ଷ୍ମୀଙ୍କ ଭେଟ ହୋଇ ରାତି ୧୦ଟା ୩୦ରୁ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପହଣ୍ଡି କରାଯିବ । ଏଥିପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି ।


ବଡ଼ଦାଣ୍ଡରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

# ଆଡ଼ପମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

## ଦ୍ୱିତୀୟ ଦିନ ଘୋଷଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

**ନୀଳଗିରି,୩।୭(ସ୍ୱ.ପ୍ର)**

ନୀଳଗିରି ପୋଷ୍ଟ ଅଫିସ ସମ୍ମୁଖରେ ଅଟକି ରହିଥିବା ରଥ ରବିବାର ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ରାଜଗୁରୁ ରବୀନ୍ଦ୍ର ମହାପାତ୍ର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ଆଡ଼ପମଣ୍ଡପକୁ ବିଜେ କରାଇଛନ୍ତି।

ଘୋଷଯାତ୍ରାକୁ ତହସିଲଦାର ଅଶେଷ କୁମାର ନାୟକ ପରିଚାଳନା କରିଥିଲେ। ପ୍ରଦୀପ୍ତ ମିଶ୍ର ଓ ପର୍ଶୁରାମ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଉପ–ଜିଲାପାଳ ଦୀପ୍ତି ରଞ୍ଜନ ସେଠି, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର, ଆଇଆଇସି ଦାୟିତ୍ୱରେ ଥିବା ବିରଞ୍ଚି ସାହୁ, ସନ୍ତୋଷ ଖଟୁଆ, ଶିଶିର ରାଉତ, ବାପି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ୩୦ ପୋଲିସ ଅଫିସର ଓ ୬ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜନ କରାଯାଇଥିଲା। ଗତ ୨ବର୍ଷ ହେଲା କରୋନା କଟକଣା ଥିବାରୁ ରଥଯାତ୍ରା ହୋଇପାରି ନ ଥିଲା। ଚଳିତବର୍ଷ ଦ୍ୱିତୀୟ ଦିବସ ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ, ଆସନ୍ତା ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଭିନ୍ନ ଅବତାର ଓ ହେରାପଞ୍ଚମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶନିବାର ବାହୁଡ଼ା ପହଣ୍ଡି ବିଜେ ଏବଂ ରବିବାର ଓ ସୋମବାର ଦୁଇଦିନ ଧରି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ।


ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

## ସଂକ୍ଷେପରେ

### ବୃଦ୍ଧଙ୍କୁ ବଞ୍ଚାଇବାକୁ ଯାଇ ଓଲଟିଲା କାର୍

ରୂପ୍‌ସା,୩।୭(ଡି.ଏନ.ଏ.)- ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଜୁଣବଲଦାଠାରେ ରବିବାର ଭାରସାମ୍ୟ ହରାଇ ଏକ କାର୍ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ସାଇକେଲ ଯୋଗେ ଯାଉଥିବା ଜଣେ ବୃଦ୍ଧଙ୍କୁ ବଞ୍ଚାଇବାକୁ ଯାଇ କାର୍ ଡ୍ରାଇଭର ହଠାତ୍ ବ୍ରେକ୍ ମାରିବାରୁ ଏହି ଦୁର୍ଘଟଣା ଘଟିଥିଲା।

ବୃଦ୍ଧ ଜଣକ ସାଇକେଲ ଯୋଗେ ରାଜଘାଟରୁ ଗୁଡ଼ିଖାଲ ଅଭିମୁଖେ ଆସୁଥିଲେ। ଜୁଣବଲଦାଠାରେ ରାସ୍ତା ଅତିକ୍ରମ କରୁଥିବା ସମୟରେ ପଛପଟୁ ଆସୁଥିବା ଦ୍ରୁତଗାମୀ କାର୍‌ଟି ବୃଦ୍ଧଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ରାଜପଥ ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ବୃଦ୍ଧଙ୍କ ସାଇକେଲ ସହ କାର୍‌ଟି ସାମାନ୍ୟ ଧକ୍କା ହୋଇଥିବାରୁ ବୃଦ୍ଧ ଜଣକ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଅମର୍ଦ୍ଦା ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ କାର୍‌ରେ ଥିବା ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ମୋରଡ଼ା, ୩।୭(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ବେତନଟୀ ଥାନା ଭାଲିଆଡିହା ପଞ୍ଚାୟତର ମସିଣାଶୋଳ ଗ୍ରାମର ଜଣେ ଯୁବକଙ୍କର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ମୃତକ ହେଲେ ବୁଲ ଚପେଆର। ସୂଚନା ଅନୁଯାୟୀ, ବୁଲ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଗାଁ ଲୋକ ତଥା ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବାସହ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୨) ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

### ପ୍ରେମଚାନ୍ଦଙ୍କୁ ମିଳିଲା ପ୍ରକୃତି ବନ୍ଧୁ ପୁରସ୍କାର



ପାଟଣା,୩।୭ (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ସରାସକୋଲା ପଞ୍ଚାୟତ ଖମୁଁଆ ଗ୍ରାମର ପ୍ରେମ ଚାନ୍ଦ ପୃଷ୍ଟିଙ୍କୁ ରବିବାର ପାଟଣା ରେଞ୍ଜ କାର୍ଯ୍ୟାଳୟ ପରିସରରେ ୨୦୨୨ ବର୍ଷ ସକାଶେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରେଞ୍ଜର ଘାସିନାଥ ପାତ୍ର, ଅବସରପ୍ରାପ୍ତ ରେଞ୍ଜର ଟିକେଶ୍ୱର ମହାନ୍ତ, ଫରେଷ୍ଟର ଚିତ୍ତରଞ୍ଜନ ପରିଡା ପ୍ରମୁଖ ପ୍ରେମଚାନ୍ଦଙ୍କୁ ପୁରସ୍କୃତ କରିଥିଲେ। ସୂଚନା ଯେ ପୃଷ୍ଟି ନିଜସ୍ୱ ଉଦ୍ୟମରେ ସ୍ୱାମ ହନୁମାନ ଛକ ଠାରୁ ଖମୁଆଁ ପର୍ଯ୍ୟନ୍ତ ଦୀର୍ଘ ୯ କି.ମି.ର ଗ୍ରାମ ଉନ୍ନୟନ ବିଭାଗର ରାସ୍ତା ଦୁଇ ପାର୍ଶ୍ୱରେ ୫ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିବାସହ ଏଗୁଡିକର ରକ୍ଷଣାବେକ୍ଷଣ କରୁଛନ୍ତି।

# ନିର୍ବାଚିତ ପ୍ରତିନିଧିଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

## ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ଭାଜପା ପ୍ରତିନିଧି ମଣ୍ଡଳୀ

**ଭଦ୍ରକ ଅଫିସ,୩।୭**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ସରସଦା ପଞ୍ଚାୟତର ବିଭିନ୍ନ ୱାର୍ଡର ନବନିର୍ବାଚିତ ୱାର୍ଡସଭ୍ୟଙ୍କୁ ବିଡିଓ ଦେବଦତ୍ତ ଦାସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ଭାଜପା ପ୍ରତିନିଧି ମଣ୍ଡଳୀ ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭଣ୍ଡାରିପୋଖରୀ ଭାଜପା ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ମଣ୍ଡଳ ସଭାପତି ଗିରିଶ ସାମଲ, ରାମଚନ୍ଦ୍ର ସେନାପତି, ପଞ୍ଚାୟତ ସଭାପତି ନିରାକାର ସାହୁ, ଜିତେନ୍ଦ୍ର କୁମାର ନାୟକ, ଉମାକାନ୍ତ ପ୍ରଧାନ, ସୁଶାନ୍ତ ଜେନା, ରଞ୍ଜିତ କୁମାର ଦଳେଇ, ସୁବାସ ଜେନା, ପୀତାମ୍ବର ଦାସଙ୍କୁ ନେଇ ଏକ ପ୍ରତିନିଧି ଦଳ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଏବଂ ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଘଟଣାର ତଦନ୍ତ ଦାବି କରିଛନ୍ତି। ବିଡିଓଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖରେ କେତେଜଣ ୱାର୍ଡସଭ୍ୟ ଓ ନାଏବ ସରପଞ୍ଚଙ୍କ ପ୍ରତିନିଧି ନିଜ ୱାର୍ଡ ସମେତ ପଞ୍ଚାୟତର ବିଭିନ୍ନ ସମସ୍ୟା ଜଣାଇବା ପାଇଁ ଅଭିଯୋଗପତ୍ର ନେଇ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଅଭିଯୋଗପତ୍ର ପାଇବା ପରେ ବିଡିଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଜାତିଆଣ ଆକ୍ଷେପ ସହ ଦୁର୍ବ୍ୟବହାର କରିଥିଲେ। ଏନେଇ ସେମାନେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେବଳ ଏକ ମାମଲା ରୁଜୁକରି ଚୁପ୍ ରହିଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଏହି ପ୍ରତିନିଧି ଦଳ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ବିଡିଓ ଦାସ ପ୍ରତିପକ୍ଷ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା କହିଛନ୍ତି।


ଭାଜପା ପ୍ରତିନିଧି ମଣ୍ଡଳୀ ଏସ୍‌ପି ଚରଣ ସିଂ ମୀନାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଚାରା ବାଣ୍ଟିଲା ବନବିଭାଗ

**ବସ୍ତା,୩।୭(ଡି.ଏନ.ଏ.)**

ବସ୍ତା ବ୍ଲକ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସରକାର ପ୍ରତି ବ୍ଲକ, ସହରାଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବା ସହିତ ପ୍ରତ୍ୟେକ ବ୍ୟକ୍ତି ନିଜ ବାଡ଼ିରେ ଗଛ ଲଗାଇ ନିଜେ ଏବଂ ନିଜର ଗ୍ରାମକୁ ସବୁଜ ସୁନ୍ଦର ସହ ପରିବେଶକୁ ସ୍ୱଚ୍ଛ ନିର୍ମଳ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ପ୍ରତି ବ୍ଲକରେ ଥିବା ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ବିଭିନ୍ନ କିସମର ମଞ୍ଜିରୁ ଚାରା ଗଛ ପ୍ରସ୍ତୁତ କରି ଲୋକମାନଙ୍କୁ ଶସ୍ତାରେ ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳିଛି। ବସ୍ତା ବନଖଣ୍ଡ ଅଧିକାରୀ ଉମାକାନ୍ତ ଦାସଙ୍କ କହିବା ଅନୁସାରେ, ସରକାରଙ୍କ ଏହି ଯୋଜନାରେ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ୧୬ହଜାରରୁ ଉର୍ଦ୍ଧ୍ୱ ଚାରା ପ୍ରସ୍ତୁତ କରାଯାଇଛି। ସରକାରୀ ନିୟମ ଅନୁସାରେ ଗୋଟିଏ ଗଛ ପ୍ରତି ଏକ ଟଙ୍କା ରହିଥିବା ବେଳେ ହିତାଧିକାରୀ ନିଜର ଆଧାର କାର୍ଡ଼ ଦେଖାଇ ସର୍ବାଧିକ ୧୦ଟି ଚାରା ନେଇ ପାରିବେ ବୋଲି ସୂଚନା ଦେଇଛନ୍ତି।

# ଆଡ଼ପ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବାଲେଶ୍ୱର ଅଫିସ,୩।୭**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ନଗର ଜଗନ୍ନାଥ ମହାପ୍ରଭୁଙ୍କ ରଥ ଉତ୍ସବର ତୃତୀୟ ଦିନରେ ଗୁଣ୍ଡିଚା ମନ୍ଦିରରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଲାଗିଥିଲା। ରବିବାର ଅପରାହ୍ନରେ ନାମ ସଂକୀର୍ତ୍ତନ ସାଙ୍ଗକୁ କୁନିକୁନି ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା, ବୃନ୍ଦାବନରୁ ଆସିଥିବା ଧ୍ରୁବ୍‌ଜୀ ଏବଂ ସ୍ୱର୍ଣ୍ଣଶ୍ରୀଜୀଙ୍କ ଦ୍ୱାରା ଆଧ୍ୟାତ୍ମିକ ଭାଗବତ କଥା ପ୍ରବଚନ, ଶ୍ରୀକୃଷ୍ଣ ଚରିତ୍ରଯୁକ୍ତ ରାସଲୀଳା, ଇମାମୀ ଲେଡ଼ିଜ୍ କ୍ଲବ୍ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଦାଣ୍ଡିଆନୃତ୍ୟ, ରଙ୍ଗୋଲି ଭଳି ଭାବମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ସାଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଇମାମୀ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ସାଙ୍ଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା।


ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କନିଷ୍ଠ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

**ସୋର,୩।୭(ଡି.ଏନ.ଏ)**

ସୋର କ୍ଷେମେଶ୍ୱର ମନ୍ଦିର ପରିସରରେ ରବିବାର ପୂର୍ବାହ୍ଣରେ ସୋର ବ୍ଲକ କନିଷ୍ଠ ଶିକ୍ଷକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରବି ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ସଞ୍ଜୟ କୁମାର ବେହେରା, ଉପସଭାପତି ସୁବାଷ ବେହେରା, କାର୍ଯ୍ୟକାରୀ ସଭାପତି ଅଙ୍କିତା ମହାନ୍ତି, ସମ୍ପାଦକ ପୁଷ୍ପଲତା ଧିନ୍ଦା, ମହାସଚିବ ତପସ୍ୱିନୀ ବେହେରା, ଯୁଗ୍ମ ସମ୍ପାଦକ ମମତା ସାହୁ ଓ ସବିତା ଦାସ, ସହକାରୀ ସମ୍ପାଦକ ବାଗଦେବୀ ବେହେରା, ରଶ୍ମିତା ଶଙ୍ଖୁଆ, ସଂଗଠନ ସମ୍ପାଦକ ସଞ୍ଜିତା ମୁଦୁଲି, ସ୍ରୋତସିନୀ ମହାନ୍ତି, ଚନ୍ଦ୍ରକାନ୍ତି ଜେନା, ଜର୍ଣ୍ଣାଲ ସମ୍ପାଦକ ଭାଗ୍ୟଶ୍ରୀ ଦାସ, ପଲ୍ଲବୀ ବାରିକ, ସଞ୍ଜୁଲତା ଦାସ, କୋଷାଧ୍ୟକ୍ଷ ଉପନୀତା ବିଶ୍ୱାସ, ଅଡିଟର ରେଣୁବାଳା ପରିଡା, ମିଡିଆ କୋ ଅର୍ଡିନେଟର ଶୁଭଲକ୍ଷ୍ମୀ ଦଳେଇ, ଉର୍ମିଳା ଦାସ, ଉର୍ମିପ୍ରଭା ମହାରଣା, ଦିନେଶ କୁମାର ପୁହାଣ, ଉପଦେଷ୍ଟା ଭାବେ ରବି ନାରାୟଣ ଦାସ, କାଶୀ ନାଥ ମହାରଣାଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ବ୍ଲକର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଆବାହକ ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାଉନସୁଗାର ଜବତ: ୩ ଅଟକ

**ଜଳେଶ୍ୱର,୩।୭(ଡି.ଏନ.ଏ)**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ୨୬୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ପୋଲିସ ଅଟକ ରଖିଛି। ଶନିବାର ରାତିରେ ରାଜପୁର ବସ୍ତି ଅଞ୍ଚଳର ଏକ ଘରେ ଜଳେଶ୍ୱର ଏସ୍‌ଡିପିଓ ଏବଂ ଆଇଆଇସି ରୋଜାଲିନ୍ ବେହେରାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ଏକ ବଡ଼ ଗ୍ୟାଙ୍ଗ ଧରିବାରେ ସଫଳ ହେବ ବୋଲି ପୋଲିସ କହିଛି।

# ନିର୍ଦ୍ୱନ୍ଦ୍ୱରେ ଜିତିଲେ ଟିଲୋ, ପୁରୁଷଣ୍ଡ ସମବାୟ ସମିତି ସଭାପତି

**ଭଦ୍ରକ ଅଫିସ/ବନ୍ତ,୩।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଓ ଆଗରପଡ଼ାସ୍ଥିତ ପୁରୁଷଣ୍ଡ ସମବାୟ ସମିତିରେ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨ ସମିତିରେ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଟିଲୋରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟ କୁମାର ନାୟକ ଓ ପୁରୁଷଣ୍ଡ ସମିତିରେ ପ୍ରଶାନ୍ତ କୁମାର ଦାଶ ସଭାପତି ହୋଇଛନ୍ତି। ପ୍ରଶାନ୍ତ ଜିଲା ବିଜେଡି ଉପସଭାପତି ପଦବୀରେ ରହିଥିବା ବେଳେ ପୂର୍ବରୁ ୧୪ ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ଥିଲେ। ଆଗରପଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ବିରାଟ ପଟୁଆରରେ ଆସି ନିର୍ବାଚନ ଅଧିକାରୀ ବିଭୁଦତ୍ତ ପାତ୍ରଙ୍କ ନିକଟରେ ସେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ପ୍ରାକ୍ତନ ସମିତି ସଭାପତି ନାରାୟଣ ଚନ୍ଦ୍ର ଉଦ୍‌ଗାତା, ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ ବୋର୍ଡ ସଭ୍ୟାସଭ୍ୟ ନବନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

# ୨୪ରେ କହ୍ନେଇ ଉତ୍ସବ

## ବିରଜାଙ୍କୁ ମିଳିବ 'କହ୍ନେଇ କଥା ପୁରସ୍କାର-୨୦୨୨'

**ବାଲେଶ୍ୱର ଅଫିସ,୩।୭**

ବାଲେଶ୍ୱର କହ୍ନେଇଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ଆସନ୍ତା ୨୪ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଆତିଥ୍ୟ ପ୍ରେକ୍ଷାଳୟରେ ୬ଷ୍ଠ ବାର୍ଷିକ କହ୍ନେଇ ଉତ୍ସବ ଓଡ଼ିଶା ସାହିତ୍ୟ ଏକାଡେ଼ମୀର ମିଳିତ ସହଭାଗୀତାରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏନେଇ ରବିବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କବି ଶ୍ରୀଦେବ ଓ ଗାଳ୍ପିକ ଗୌତମବୁଦ୍ଧ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ସୁଲେଖକ ସୁବାସ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି ଗାଳ୍ପିକ କୃଷ୍ଣ କୁମାର ମହାନ୍ତି, ସମ୍ପାଦକ କବି ଉତ୍ପଳ ମହାନ୍ତି, ଗାଳ୍ପିକ ନିବାରଣ ଜେନା, କବି ସରୋଜ ବଳ, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, କବି ରଞ୍ଜନ ବାଗ, ସହ ସମ୍ପାଦକ ଶୁଭେନ୍ଦୁ ଦାସ, ଯାଦବେନ୍ଦ୍ର ମିଶ୍ର, ଅରୁଣାଂଶୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ଓ ସଫଳତା ଦିଗରେ ଆଲୋଚନା କରିଥିଲେ। ସଂସଦର ନୂତନ ସଭ୍ୟ କବି ତଥା ଗାଳ୍ପିକ ସରୋଜ ବଳଙ୍କୁ ସ୍ୱାଗତ କରାଯାଇଥିଲା।

ବୈଠକରେ ଚଳିତ ବର୍ଷ କହ୍ନେଇଲାଲ ସ୍ମାରକୀ କଥା ପୁରସ୍କାର ପାଇବା ପାଇଁ ଗାଳ୍ପିକ ବିରଜା ରାଉତରାୟଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଚଳିତ ବର୍ଷରୁ ପୁରସ୍କାର ଅର୍ଥରାଶି ୧୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା କଥା ଗୃହୀତ ହୋଇଥିଲା। ଏହି ସ୍ମୃତି ଉତ୍ସବରେ ଅତିଥି ଭାବରେ ବିଶିଷ୍ଟ ଗାଳ୍ପିକ ଶ୍ୟାମାପ୍ରସାଦ ଚୌଧୁରୀ ଏବଂ କଥାକାର ତଥା ଔପନ୍ୟାସିକ ଭୀମ ପୃଷ୍ଟି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂସଦ ତରଫରୁ ସୂଚନା ଦିଆଯାଇଛି।


ବୈଠକରେ ଉପସ୍ଥିତ ବାଲେଶ୍ୱର କହ୍ନେଇଲାଲ ଦାସ ସ୍ମୃତି ସଂସଦର କର୍ମକର୍ତ୍ତା।

# ଅନ୍ଧାରରେ ୩୦୦ ଛାତ୍ରୀଙ୍କ ଭାଗ୍ୟ

**ବାଲିଆପାଳ,୩।୭(ସ୍ୱ.ପ୍ର)**

ସରକାର ମହିଳା ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଏବେବି ବାଳିକା ଉଚ୍ଚ ବିଦ୍ୟାଳୟଗୁଡ଼ିକ ଅବହେଳିତ ଅବସ୍ଥାରେ ରହିଛି। ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିବା ସହିତ ଶିକ୍ଷାକୁ ରାଜ୍ୟ ସରକାର ୫–ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ଶିକ୍ଷାର ବିକାଶ ପାଇଁ ଡିଣ୍ଡିମ ପିଟୁଛନ୍ତି। ହେଲେ ବାଳିକା ଉଚ୍ଚ ବିଦ୍ୟାଳୟଗୁଡ଼ିକ ବିକଶିତ ହୋଇ କେବେ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ହେବ ଏହାକୁ ନେଇ ଗାଁରୁ ସହର ସବୁଠି ଚର୍ଚ୍ଚା ଲାଗି ରହିଛି।

ବାଲିଆପାଳ ବ୍ଲକର ମଧୁପୁରା ଗ୍ରାମ ପଞ୍ଚାୟତରେ ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅବସ୍ଥିତ। ଏହା ସରକାରଙ୍କ ଦୃଷ୍ଟି ଆଢୁଆଳରେ ଥାଇ ଦିନକୁ ଦିନ ଜରାଜୀର୍ଣ୍ଣ ହୋଇ ପିଲାଙ୍କର ଆକର୍ଷଣ ହରାଇବାରେ ଲାଗିଛି। ଭଙ୍ଗା ଆଜବେଷ୍ଟସ ଘରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ବିପଦଜନକ ଅବସ୍ଥାରେ ପାଠ ପଢୁଥିବାରୁ ସେମାନଙ୍କ ଭାଗ୍ୟ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି। ୧୯୬୮ରୁ ସ୍ଥାପିତ ଏହି ବିଦ୍ୟାଳୟର ଆଜବେଷ୍ଟସ ଛପର ଘର ଏବେବି ଦୟନୀୟ ଅବସ୍ଥାରେ ରହିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ, ପ୍ରଶାସନ କିମ୍ବା ଜନପ୍ରତିନିଧିଙ୍କ ନଜର ପଡୁ ନାହିଁ। ବିଦ୍ୟାଳୟଟି ଏବେ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟ ୭/୮ଟି ପଞ୍ଚାୟତର କେନ୍ଦ୍ର ସ୍ଥଳରେ ଥିବାରୁ ପ୍ରତିବର୍ଷ ଶତାଧିକ ଛାତ୍ରୀ ନାମ ଲେଖାଇଥାନ୍ତି। ଶିକ୍ଷାଦାନ ନିମନ୍ତେ ମୋଟ୍ ୧୭ ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବିଦ୍ୟାଳୟରେ ନିଯୁକ୍ତ ଅଛନ୍ତି। ଭୌଗୋଳିକ ଦୃଷ୍ଟିକୋଣରୁ ଉକ୍ତ ବିଦ୍ୟାଳୟଟି ବାଲିଆପାଳ–ବସ୍ତା ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଅବସ୍ଥିତ ହୋଇଥିଲେ ମଧ୍ୟ ଏହାର ଭିତ୍ତିଭୂମି ସୁଦୃଢ଼ ଦିଗରେ କୌଣସି ସରକାରୀ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ବିଗତ ବାତ୍ୟାରେ ଶ୍ରେଣୀଗୃହର ଆଜବେଷ୍ଟସ ଛପର ଅନେକ ସ୍ଥାନରେ ଭାଙ୍ଗିରୁଜି ଯାଇଛି। ସାମାନ୍ୟ ବର୍ଷା ହେଲେ ଶ୍ରେଣୀ ଗୃହରେ ବର୍ଷା ଜଳ ପଡ଼ିବା ଯୋଗୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଖେଳପଡ଼ିଆକୁ ବଜାରର ନାଳ ନର୍ଦ୍ଦମା ପାଣି ପଶି ଆସି କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବାରୁ ଛାତ୍ରୀମାନେ ଖେଳିବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ନୂତନ ଶ୍ରେଣୀ ଗୃହ ନିର୍ମାଣ ଓ ଖେଳପଡ଼ିଆର ଉନ୍ନତିକରଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ସମସ୍ୟା ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ କାଳୀଚରଣ ଜେନା ବିଧାୟକ ଓ ବିଇଓଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସୁଲତା ପାତ୍ର କହନ୍ତି, ବିଭାଗୀୟ ଅଧିକାରୀ, ମନ୍ତ୍ରୀ, ବିଧାୟକ ଓ ଏମ୍‌ପିଙ୍କୁ ସମସ୍ୟା ସମ୍ବନ୍ଧୀୟ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଥିଲେ ମଧ୍ୟ ଏଯାବତ୍ କୌଣସି ସମାଧାନ ହୋଇପାରି ନାହିଁ।



ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ।

## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ନଦୀରେ ବୁଡ଼ିଗଲେ ବୃଦ୍ଧ

ରାଇରଙ୍ଗପୁର,୩।୭ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ଗୁଣ୍ଡୁରିଆ ଗ୍ରାମର ଗନେ ବାସ୍କେ ନାମକ ବୃଦ୍ଧ ରବିବାର ମାଛ ଧରିବାକୁ ଯାଇଥିବା ବେଳେ ନଦୀରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ସକାଳେ ଗ୍ରାମ ନିକଟସ୍ଥ ଗୁରିଆ ନଦୀରେ ନିର୍ମାଣାଧୀନ ପୋଲ ପାର୍ଶ୍ୱରେ ମାଛ ଧରିବାକୁ ଯାଇଥିଲେ। ନଦୀରେ ମାଛ ଧରୁଥିବା ବେଳେ ପ୍ରବଳ ସ୍ରୋତ ଯୋଗୁ ସେ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରି ନଦୀରୁ ତାଙ୍କ ମୃତଦେହ ପାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯/୨୨) ରୁଜୁ କରାଯାଇଛି।

### ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ଆକସ୍ମିକ ମୃତ୍ୟୁ

ଭଦ୍ରକ ଅଫିସ, ୩।୭-ଭଦ୍ରକ ସଦର ବ୍ଲକ ଓଲଙ୍ଗ ଗ୍ରାମ ଆଦିବାସୀ ସାହିର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କର ରବିବାର ଅପରାହ୍ନରେ ଆକସ୍ମିକ ମୃତ୍ୟୁ ଘଟିଛି। ସେ ହେଲେ ଇନ୍ଦର ଜାମ୍ପିଆଙ୍କ ବଡ଼ଝିଅ ମୁଗୁନି। ସୂଚନା ଅନୁଯାୟୀ, ରବିବାର ସକାଳେ ସେ ଅସୁସ୍ଥ ଅନୁଭବ କରି ବିଛଣାରେ ଶୋଇରହିଥିଲେ। ମଧ୍ୟାହ୍ନରେ ସେ କଥାବାର୍ତ୍ତା ନ କରିବା ସହ ଅଚେତ ହୋଇଯାଇଥିଲେ। ସାନଭଉଣୀ ଗାଁରେ କାମ କରୁଥିବା ତାଙ୍କ ମା' ଗୁରୁବାରୀଙ୍କୁ ଖବର ଦେଇଥିଲେ। ଗୁରୁବାରୀ ଘରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ମୁଗୁନିଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୂଜକଙ୍କ ପରଲୋକ

ବାଙ୍ଗିରିପୋଷି,୩।୭(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଗୋଲାମୁଣ୍ଡାକଟା ପଞ୍ଚାୟତର ବାବା ଶିମିଳେଶ୍ୱର ମନ୍ଦିର ପୂଜକ ଗିରିଶ ଚନ୍ଦ୍ର ପାଣି(୯୨)ଙ୍କର ରବିବାର ସକାଳେ ପରଲୋକ ହୋଇଛି। ସାରସକଣା ବ୍ଲକର ଧାଙ୍ଗୁଡିଶୋଳ ପଞ୍ଚାୟତ ସଂକୁଚା ଗ୍ରାମ ବାସଭବନରେ ତାଙ୍କର ମୃତ୍ୟୁ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ଥିଲେ। ତାଙ୍କ ବିୟୋଗରେ ବାଙ୍ଗିରିପୋଷି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ରେଳ ସୁରକ୍ଷାବଳ ପକ୍ଷରୁ ଚାରାରୋପଣ

ବାଲେଶ୍ୱର ଅଫିସ,୩।୭- ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ବାଲେଶ୍ୱର ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ଚାରାରୋପଣ କରାଯାଇଛି। ଇନ୍ସପେକ୍ଟର ଏସ୍‌କେ ସିହ୍ନାଙ୍କ ନେତୃତ୍ୱରେ ସବ୍-ଇନ୍ସପେକ୍ଟର ଶ୍ରୀକାନ୍ତ ପାତ୍ର, ବିରଞ୍ଚି କୁମାର ବେହେରା, ସନ୍ଦୀପ କୁମାର, ରସିକ ଛତ୍ରା, ତନୁ କୁମାରୀ, ତୁଳସୀ ମୀନାଙ୍କ ସମେତ ସୁରକ୍ଷା ବଳ କର୍ମଚାରୀ ଯୋଗଦେଇ ଚାରାରୋପଣ କରିଥିଲେ।

### ଆଇନଜୀବୀଙ୍କ ପରଲୋକ

ସୋର, ୩।୭(ଡି.ଏନ୍.ଏ): ସୋର ମ୍ୟୁନିସିପାଲିଟି ଅଧୀନ କମରପୁର ବଢ଼େଇସାହି ବାସିନ୍ଦା ତଥା ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ସାହୁ(୫୭)ଙ୍କର ଶନିବାର ରାତିରେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସୋର ଅଞ୍ଚଳର ଆଇନଜୀବୀ ଓ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଥିଲା।

### ବୃକ୍ଷ ବଞ୍ଚାଇବାକୁ ଶପଥ

ବିଶୋଇ, ୩।୭ (ଡି.ଏନ.ଏ)
ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳର ସରଗଡ଼ା ସେକ୍ସନର କଳାଟମକ ଠାରେ ୭୩ତମ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କରାଯାଇଛି। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ମାର୍ଗଦର୍ଶନରେ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବନଖଣ୍ଡ ସହକାରୀ ବନ ସଂରକ୍ଷକ ନବୀନ ଚନ୍ଦ୍ର ନାଏକ ଯୋଗଦେଇ ସବୁଜ ବଳୟ ସୃଷ୍ଟି କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପରିବେଶବିତ୍ ପ୍ରମ୍ପକାର ଲଳିତ ମହାନ୍ତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୩୧ ନଂ ଜିଲା ପରିଷଦ ସଭ୍ୟା ପାର୍ବତୀ ଟୁଡୁ, ସରଗଡ଼ା ସରପଞ୍ଚ ଶକୁନ୍ତଳା ମାଝୀ, ସରଗଡା ପଞ୍ଚାୟତ ସମିତି ସଭ୍ୟ ରବୀନ୍ଦ୍ର ମୁଣ୍ଡା ଓ ବିଜାତଳା ବ୍ଲକର ପ୍ରାକ୍ତନ ଅଧକ୍ଷ ମାଝିଆରାମ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ତଥା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏବଂ କଳାଟମକ ବନସୁରକ୍ଷା କମିଟିର ସଦସ୍ୟମାନେ ୧ହଜାର ବୃକ୍ଷରୋପଣ କରିବା ସହିତ ବୃକ୍ଷ ବଞ୍ଚାଇବା ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ।

# ଜୋର ଧରିଲା ବୈତରଣୀ ବଞ୍ଚାଅ ଆନ୍ଦୋଳନ

**ସ୍ଲରୀ ପାଇପ୍ ଯୋଗେ ଲୁହାପଥର ଗୁଣ୍ଡ ପରିବହନକୁ ପ୍ରତିରୋଧ କରାଯିବ**

କେନ୍ଦୁଝର, ୩।୭ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ରୋଟାରି ଭବନଠାରେ ବୈତରଣୀ ବଞ୍ଚାଅ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈତରଣୀ ଓ ଅନ୍ୟ ନଦୀର ସୁରକ୍ଷା ପାଇଁ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈତରଣୀ ଅବବାହିକାରେ ଥିବା କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, କେନ୍ଦ୍ରପଡା ଜିଲାରେ ଲୋକଙ୍କୁ ନେଇ ଜୁଲାଇ ୩୧ ରେ ନଗରଭବନଠାରେ ଏକ ବିଶାଳ ସମ୍ମିଳନୀ ଆୟୋଜିତ ହେବ। ବୈତରଣୀ ନଦୀର ପାଣିକୁ ସ୍ଲରୀ ପାଇପ ଲାଇନ ଯୋଗେ ଲୁହାପଥର ଗୁଣ୍ଡ ପରିବହନକୁ କୌଣସି ମତେ ଦିଆଯିବ ନାହିଁ ଏବଂ ଏଥିପାଇଁ ଜୋରଦାର ପ୍ରତିବାଦ କରାଯିବ। ଏଥିପାଇଁ ୧୦ ହଜାର ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ନଦୀ ସହିତ ଲୋକଙ୍କୁ ନିବିଡ ଭାବରେ ଯୋଡିବା ଓ ନଦୀର ସୁରକ୍ଷା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବୈତରଣୀ ନଦୀ ପାଠଶାଳା ଆରମ୍ଭ ହେବ। ବିଶିଷ୍ଟ ଗବେଷକ ଡକ୍ଟର ବିଦ୍ୟାଧର ବେହେରା ଏହାର ଆବାହକ ରହିବେ। ବୈତରଣୀ ବଞ୍ଚାଅ ଆନ୍ଦୋଳନର ଆବାହକ ଭାବେ ଅଶୋକ କୁମାର ଠକ୍କର, ଦିଲ୍ଲୀପ କୁମାର ସାହୁ, ମଳୟ ମହାପାତ୍ର ଯୁଗ୍ମ ଆବାହକ ଭାବେ କାର୍ଯ୍ୟ କରିବେ। ଯାଜପୁର, ମୟୂରଭଞ୍ଜ, ଭଦ୍ରକ ଜିଲାରୁ ଜଣେ ଲେଖାଁଏ ଯୁଗ୍ମ ଆବାହକ ରହିବେ। ବୈତରଣୀ ନଦୀର ସୁରକ୍ଷା ପାଇଁ ସଚେତନତା ଉଦ୍ଦେଶ୍ୟରେ ହୋର୍ଡିଂ ଓ ବ୍ୟାନର ଲଗାଯିବ। ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ, ବୁଦ୍ଧିଜୀବୀଙ୍କୁ ନେଇ ଏହି ପ୍ରୟାସରେ ସାମିଲ କରାଯିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିପ୍ଳବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥିଭାବେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ମୁଖ୍ୟଅତିଥିଭାବେ ଯୋଗ ଦେଇ ନଦୀର ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈତରଣୀ ଉପରମୁଣ୍ଡରେ ବହୁ କମ୍ପାନୀ ବେଧଡକ ନଦୀ ଜଳ ଶୋଷୁଥିବାରୁ ତଳ ମୁଣ୍ଡରେ ନଦୀରେ ପାଣିର ପ୍ରବାହ କମିଯାଇଛି। ସରକାର ନଦୀର ସୁରକ୍ଷା ପାଇଁ ପଦକ୍ଷେପ ନେବା ବଦଳରେ ବହୁ କମ୍ପାନୀକୁ ସ୍ଲରୀ ପାଇପ ଲାଇନ ଯୋଗେ ଲୁହାପଥର ଗୁଣ୍ଡ ପରିବହନରେ ବୈତରଣୀ ନଦୀ ଜଳ ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ଫଳରେ ଆଗାମୀ ଦିନରେ ଘୋର ଜଳସଙ୍କଟ ଦେଖାଦେବ। ବୈତରଣୀ ନଦୀ ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ପରିବାର ଏହା ଦ୍ୱାରା ପ୍ରଭାବିତ ହେବେ ବୋଲି ଆବାହକ ଦାସ କହିଛନ୍ତି। ଖଣି ବର୍ଜ୍ୟବସ୍ତୁ ଯୋଗୁ ବୈତରଣୀ ଆଜି ପ୍ରଦୂଷିତ ହୋଇଥିବା ଡକ୍ଟର ବିଦ୍ୟାଧର ବେହେରା କହିଛନ୍ତି। ବୈତରଣୀ ନଦୀର ଦୈର୍ଘ୍ୟ ୩୬୫ କି.ମି. ଥିବାବେଳେ ବୈତରଣୀ ତଳମୁଣ୍ଡରେ ନଦୀ ବର୍ତ୍ତମାନ ଶୁଷ୍କ ହୋଇଯାଇଛି।

## ଶ୍ରୀଜୀଉଙ୍କ କୃଷ୍ଣ, ବଳରାମ ବେଶ


କୃଷ୍ଣ, ବଳାରାମ ବେଶରେ ସଜ୍ଜିତ ଶ୍ରୀଜୀଉ।

କେନ୍ଦୁଝର, ୩।୭(ସ୍ୱ.ପ୍ର.)

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ଗୁଣ୍ଡିଚା ମନ୍ଦିରରେ କୃଷ୍ଣ ଓ ବଳରାମ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଗତ ଶନିବାର ରାତିରେ ରଥରୁ ଶ୍ରୀ ଜୀଉଙ୍କୁ ପହଣ୍ଡି କରି ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା। ବଡ ଦାଣ୍ଡରେ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଛି। ସେହିପରି ମୀନା ବଜାର ସହ ବିଭିନ୍ନ ପ୍ରକାରର ଖାଦ୍ୟ ଦୋକାନ ମଧ୍ୟ ଖୋଲିଛି। ୨ବର୍ଷ ପରେ ରଥଯାତ୍ରା ହୋଇଥିବାରୁ କେନ୍ଦୁଝରବାସୀ ଖୁବ୍ ଆନନ୍ଦିତ ଅଛନ୍ତି।

## ବାଣିଜ୍ୟ ମେଳା ଉଦ୍‌ଘାଟିତ

ଚମ୍ପୁଆ, ୩।୭(ଡି.ଏନ.ଏ.)

ପବିତ୍ର ରଥଯାତ୍ରା ଉପଲକ୍ଷେ ବାଣିଜ୍ୟମେଳା ୨୦୨୨ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଚମ୍ପୁଆ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଳାକୁ ଚମ୍ପୁଆ ଥାନା ଅଧିକାରୀ ଗଗନ ବିହାରୀ ନାଏକ ଓ ରେଞ୍ଜର ସଞ୍ଜୀବ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବନପାଳ ପିଅନ ନାଏକ ଯୋଗ ଦେଇଥିଲେ। କରୋନା ମହାମାରୀର ୨ ବର୍ଷ ପରେ ଏହା ଆୟୋଜିତ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ଲାଗିଥିବା ବେଳେ ପୋଷାକ, ଘରକରଣା, ଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷକୁ ନେଇ ଏହି ଷ୍ଟଲ୍ ଗୁଡିକ ବସିଥିବା ବେଳେ ଶିଶୁମାନଙ୍କ ବିନୋଦନ ପାଇଁ ବିଭିନ୍ନ ଖେଳ ଷ୍ଟଲ ବସିଥିବା ଦେଖିବାକୁ ମିଳିଛି। ଏହି ମେଳା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରହିବ ବୋଲି କମିଟି ସମ୍ପାଦକ ପ୍ରିୟନାଥ ପତି ସୂଚନା ଦେଇଛନ୍ତି। ଉଦ୍‌ଘାଟନ ଉତ୍ସବକୁ ସଦସ୍ୟ ରାଜେଶ ସାହୁ, ସୁବାଷ ରାମ, ରାମକୃଷ୍ଣ ଜିତ ପ୍ରମୁଖ ପରିଚାଳନା କରିଥିଲେ।


ଉତ୍ସବରେ ଉପସ୍ଥିତ ଅଧିକାରୀମାନେ।

## ବୁଲୁଛି ଗୋଠଛଡ଼ା ଦନ୍ତା, ଲୋକେ ଭୟଭୀତ

ଠାକୁରମୁଣ୍ଡା, ୩।୭(ଡି.ଏନ.ଏ.)

ଗୋଠଛଡ଼ା ହୋଇ ଏକୁଟିଆ ଘୁରି ବୁଲୁଥିବା ଏକ ଦନ୍ତା ହାତୀକୁ ଗ୍ରାମ ନିକଟରେ ଦେଖି ଲୋକେ ଭୟଭୀତ ହୋଇଛନ୍ତି। ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଘୁରି ବୁଲୁଥିବା ଏହି ଦନ୍ତା ଦୀର୍ଘ ବର୍ଷ ଧରି ହାତୀ ଦଳରେ ନ ରହି ଜନବସତି ଅଞ୍ଚଳକୁ ଲାଗି ରହିଥିବା ଜଙ୍ଗଲରେ ରହିଆସୁଛି। ସନ୍ଧ୍ୟା ପୂର୍ବରୁ ମଧ ଏହି ହାତୀ ଗ୍ରାମ ଭିତରେ ପଶି ଲୋକଙ୍କ ଘରବାଡ଼ିରେ ଥିବା ଗଛ ଭାଙ୍ଗି ଦେଉଛି। ବର୍ତ୍ତମାନ ସମୟରେ ଲୋକଙ୍କ ବାଡ଼ି ପଣସ ପାଚି ଥିବାରୁ ପାଚିଲା ପଣସ ଖାଇବାକୁ ଦନ୍ତା ହାତୀ ପଶି ଆସୁଛି। ବର୍ତ୍ତମାନ ସୁଦ୍ଧା ଏହି ହାତୀଟି ଧନଜୀବନ କ୍ଷତି କରି ନ ଥିବାବେଳେ ଜଙ୍ଗଲରୁ ଗ୍ରାମ ଭିତରକୁ ପଶି ଆସୁଥିବାରୁ ଲୋକେ ଭୟଭୀତ ହେଇପଡୁଛନ୍ତି। ରାସ୍ତା ଉପରକୁ ଚାଲି ଆସୁଥିବାରୁ ରାସ୍ତାରେ ଯାଉଥିବା ଯାନବାହନ ଡରରେ ଅଟକି ରହୁଛନ୍ତି। ଏହି ହାତୀଟି ବର୍ତ୍ତମାନ ଠାକୁରମୁଣ୍ଡା ନିକଟ ଖମଡିହା, ମାଟିଖଣି, ଜୁଡମ୍ବ, ହାଣ୍ଡିଫୁଟା, ଦରଦରା ଆଦି ଗ୍ରାମକୁ ପଶି ଯାଉଛି। ବାଡ଼ିରେ ଥିବା ପାଚିଲା ପଣସ ଖାଇବାକୁ ଆସୁଥିବା ଲୋକେ କହିଛନ୍ତି।

## 'ସୁସ୍ଥ ସମାଜ ଗଠନରେ ଖବରକାଗଜର ଭୂମିକା ଗୁରୁତ୍ୱପୂର୍ଣ୍ଣ'


'ଅପରାହ୍ନ' ପରିବାର ଓ ଖବରଦାତା ସଂଘର କର୍ମକର୍ତ୍ତାମାନେ।

ଭୋଗରାଇ,୩।୭(ଡି.ଏନ.ଏ.)

ଖବରକାଗଜରେ ବ୍ୟାକରଣର ଶୁଦ୍ଧତା, ସ୍ୱଚ୍ଛତା ଓ ଦାର୍ଶନିକ ଚେତନା ବିକାଶର ଲେଖା ପ୍ରକାଶ ହେଲେ ପାଠିକା ଓ ପାଠକଙ୍କ ଆଗ୍ରହ ବଢ଼େ। ଏଥିପାଇଁ ଖବରକାଗଜର ଆବଶ୍ୟକତା ଲୋଡ଼ାଯାଏ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରବିବାର ଦୈନିକ ଖବରକାଗଜ 'ଅପରାହ୍ନ'ର 'ସାମ୍ବାଦିକ ଏକତା ଆମର ଲକ୍ଷ୍ୟ' ଶୀର୍ଷକ ଆଲୋଚନା ଚକ୍ର ଓ ବନ୍ଧୁମିଳନ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି।

'ଅପରାହ୍ନ' ଖବରକାଗଜର ପ୍ରତିଷ୍ଠାତା ବଂଶୀଧର ଜେନାଙ୍କ ପୌରହିତ୍ୟରେ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥି ଭାବେ ଉକ୍ତ ଖବରକାଗଜର ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ, ସାହିତ୍ୟିକ ତଥା ଖବରଦାତା ସୁକାନ୍ତ ଗିରି, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଏବଂ ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡା, ଖବରଦାତା ଅଜୟ କୁମାର ସାହୁ, ଭାଗବତ ପ୍ରସାଦ ଦାସ, ଦିଲ୍ଲୀପ ଦାସ, ସୁଭାଷ ଦାସ, ଅନନ୍ତ ପ୍ରଧାନ, ରାଧାକାନ୍ତ ପ୍ରଧାନ, ବିଶ୍ୱମ୍ଭର ଦାସ, ସ୍ୱରିତ ସପନ ପଣ୍ଡା ପ୍ରମୁଖ ଖବରଦାତାମାନେ ସୁସ୍ଥ ସମାଜ ଗଠନରେ ଖବରକାଗଜ ଓ ଖବରଦାତାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ଦୁର୍ଘଟଣା ଜନିତ ମୃତ୍ୟୁରେ ଭୋଗରାଇ ସାମ୍ବାଦିକ ସଂଘ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଥିଲା।

## ବିଦ୍ୟୁତ୍‌କାଟ ଯୋଗୁ ଲୋକେ ହନ୍ତସନ୍ତ

ଆରଡ଼ି,୩।୭(ଡି.ଏନ.ଏ.)

ଭଦ୍ରକ ଜିଲାର ଆରଡ଼ି ଓ ଏହା ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ କାଟ୍ ଯୋଗୁ ଶତାଧିକ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ନ ରହିବା ଯୋଗୁ ପାନୀୟ ଜଳ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ହଇରାଣ ହେଉଛନ୍ତି। ଅସୁରାଳି ଓ ସାଆଁଳପୁର ଇଲେକ୍ଟ୍ରିକ ଷ୍ଟ୍ରକ୍ଚର ଅଧୀନରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଉପଭୋକ୍ତା ହନ୍ତସନ୍ତ ହେଉଥିବା ଅଭିଯୋଗ କରୁଛନ୍ତି ସ୍ଥାନୀୟ ଲୋକେ। ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ୨୪ ଘଣ୍ଟା ବିଦ୍ୟୁତ୍ ରହିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଥିଲେ ବି ତାହା ଆଦୌ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି।

ବର୍ଷା ଯୋଗୁ ଶୁକ୍ରବାର ଅପରାହ୍ନ ୩ଟାରୁ ରାତି ୧୧ଟା ଓ ଶନିବାର ଅପରାହ୍ନ ୩ଟା ୩୦ରୁ ରବିବାର ଭୋର ସାଢ଼େ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଥିଲା। ଫଳରେ ଆଖଣ୍ଡଳମଣି ପୀଠ ଓ ଏହା ଆଖପାଖ ଅଞ୍ଚଳର ଲୋକେ ଅନ୍ଧାରରେ ରହିବା ସହ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ମାସ ଶେଷରେ ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ଜୁଲମ କରୁଥିବା କର୍ମଚାରୀମାନଙ୍କୁ ବିଦ୍ୟୁତ୍ ନ ରହିବା ସମ୍ପର୍କରେ ଉପଭୋକ୍ତା ପଚାରିବାକୁ ଚାହିଁଲେ ଯୋଗାଯୋଗ ହୋଇପାରୁ ନାହିଁ। ତେବେ ଏହିଭଳି ବିଦ୍ୟୁତ୍ କାଟ୍ ଲାଗି ରହିଲେ ବିଲ୍ ଆଉ ପଇଠ କରିବେ ନାହିଁ ଓ ଏହା ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି।

## ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ବାହାନଗା,୩।୭(ଡି.ଏନ.ଏ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସୋର ବିଧାୟକ ପର୍ଶୁରାମ ଧଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ବ୍ଲକ ବିଜେଡି ସଭାପତି ଅଜୟ କୁମାର ପଣ୍ଡା, ଜିଲା ପରିଷଦ ସଦସ୍ୟ ଶିଶିର କୁମାର ଅଗସ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ପୂର୍ବତନ ସରପଞ୍ଚ ଆରତୀ ଦଳେଇ, ଜିଲା ପରିଷଦ ସଦସ୍ୟ ନୀଳାମ୍ବର ମହାଳିକ, ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ବ୍ଲକ ସଭାପତି ପଣ୍ଡାଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ବିଧାୟକ ଧଡ଼ା ଦଳୀୟ କର୍ମୀଙ୍କୁ ଏକତା ସୂତ୍ରରେ ବାନ୍ଧିହେବା ସହିତ ଅନୁଶାସନ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଯୁବ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ଶିଆଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପମ୍ପହାଉସ୍ ଚାବିକୁ ନେଇ ବିବାଦ

ବାରିପଦା ଅଫିସ,୩।୭

ମୟୂରଭଞ୍ଜ ଜିଲା ଟାଉନ ଥାନା ଅଧୀନ ବାଉଁଶବିଲା ପଞ୍ଚାୟତ ପୋଡାଅସ୍ତିଆ ପିଡବ୍ଲୁଏସ୍-୨ ପମ୍ପ ହାଉସ୍‌ର ଚାବିକୁ ନେଇ ବିବାଦ ଦେଖାଦେଇଛି। ଏନେଇ ୱାର୍ଡବାସୀ ଥାନାରେ ଅଭିଯୋଗ କରିଛନ୍ତି। ପରିଚାଳନାଗତ ସମସ୍ୟା ପାଇଁ ଦାୟିତ୍ୱରେ ଥିବା ଡ୍ରାଇଭରଙ୍କୁ ସରପଞ୍ଚ ବହିଷ୍କାର କରିଥିଲେ। ପରେ ଉକ୍ତ ଡ୍ରାଇଭରଙ୍କୁ ଚାବି ମାଗିବାରୁ ସେ ୱାର୍ଡବାସୀଙ୍କୁ ଧମକ ଦେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣରେ ଡ୍ରାଇଭର ତରୁଣ ସିଂ ଠିକ୍ ଭାବେ ପରିଚାଳନା କରୁ ନ ଥିବାରୁ ଦୁଇମାସ ପୂର୍ବେ ପଞ୍ଚାୟତ କାର୍ଯ୍ୟାଳୟ ଚିଠି ନଂ. ୧୩୧/ ୩ ମେ ୨୦୨୨ରେ ତାଙ୍କୁ ବହିଷ୍କାର କରାଯାଇଥିଲା। ଏହାସହ ପିଡବ୍ଲୁଏସ୍-୧ ଦାୟିତ୍ୱରେ ଥିବା ଡ୍ରାଇଭରଙ୍କୁ ସମସ୍ତ ଜିନିଷପତ୍ର ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ନିର୍ଦ୍ଦେଶକୁ ଅବମାନନା କରି ତରୁଣ ଚାବି ନ ଦେବା ସହ ପାନୀୟ ଜଳ ଯୋଗାଇବାରେ ବାଧା ସୃଷ୍ଟି କରୁଥିଲେ। ଏହାକୁ ନେଇ ପଞ୍ଚାୟତର ୫ଟି ୱାର୍ଡର ଲୋକେ ପାଣି ନ ପାଇ ୱାର୍ଡସଭ୍ୟଙ୍କୁ ଜଣାଇଥିଲେ। ଏନେଇ ରବିବାର ସକାଳେ ୯, ୧୦, ୧୩, ୧୪ ଓ ୧୫ନଂ. ୱାର୍ଡ ସଭ୍ୟ ପହଞ୍ଚିବା ପରେ ମଝିସାହି ପାଣି ପମ୍ପ ନିକଟରେ ନାଏବ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଚାବି ମାଗିବାକୁ ଯାଇଥିବା ୱାର୍ଡସଭ୍ୟ ଓ ଗ୍ରାମବାସୀଙ୍କୁ ତରୁଣ ନାଲି ଆଖି ଦେଖାଇ ଚାବି ଦେବେ ନାହିଁ ବୋଲି କହିଥିଲେ। ଏହାକୁ ନେଇ ୱାର୍ଡସଭ୍ୟା ଝିଲ୍ଲୀ ସିଂ, ମଞ୍ଜୁଲତା ସିଂ ଓ ନାଏବ ସରପଞ୍ଚ ଶାରଦାମଣି ସିଂ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଯୋଗଦେଲେ ନୂତନ ଥାନାଧିକାରୀ

ବନ୍ତ,୩।୭(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନାର ନୂତନ ଥାନାଧିକାରୀ ଭାବେ ମୋନାଲିସା କର ଯୋଗ ଦେଇଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ ସହ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ରୋକିବା ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ସେ ଜିଲା ପୋଲିସ ମୁଖ୍ୟାଳୟ, ଭଦ୍ରକ ସଦର ଥାନାର ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ, ମେରାଇନ ଥାନା, ଆଗରପଡା ଥାନାରେ ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରି ବାଲେଶ୍ୱରକୁ ବଦଳି ହୋଇଥିଲେ। ବାଲେଶ୍ୱରରେ ଜିଲା ପୋଲିସ ମୁଖ୍ୟାଳୟ, ବାଲେଶ୍ୱର ଟ୍ରାଫିକ୍ ଥାନା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ସେ ଭଦ୍ରକକୁ ପୁନଶ୍ଚ ବଦଳି ହୋଇ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଅନ୍ୟମାନେ।

ଭଦ୍ରକ ଅଫିସ, ୩।୭

ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଗଠନର ରାଜ୍ୟ ସମ୍ପାଦିକା ତଥା ଭଦ୍ରକ ରାମଚନ୍ଦ୍ର ବିହାରୀଲାଲ ହାଇସ୍କୁଲର ଶିକ୍ଷୟିତ୍ରୀ ସୁରଜିତା ନାୟକଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଭଦ୍ରକ ଶହୀଦ ସ୍ମୃତି ଭବନରେ ଅକ୍ଷୟ ହୋତାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଓଷ୍ଟାର ପୂର୍ବତନ ସଭାପତି ଇନ୍ଦୁମାଧବ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ନାୟକ ଛାତ୍ର ଓ ଶିକ୍ଷକମାନଙ୍କର ବହୁବିଧ ସମସ୍ୟା ନେଇ ଜିଲାଠାରୁ ରାଜ୍ୟ ପର୍ଯ୍ୟନ୍ତ ଓ ସର୍ବଭାରତୀୟ ସ୍ତରରେ ବହୁ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ସେ ରାଜ୍ୟର ଜଣେ ମହିଳା ନେତ୍ରୀ ଭାବେ ସବୁଠି ପରିଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ନିରାକାର ଜେନା, ଡ. ହରେକୃଷ୍ଣ ନାୟକ, ଅଜୟ ନାୟକ, ତ୍ୟାଗଭୂମିର ସଭାପତି ତୁଷାର ମହାନ୍ତି, କାଳନ୍ଦୀ ପାତ୍ର, ଜଗନ୍ନାଥ ରାଉତ, ପ୍ରତାପ ପଟ୍ଟନାୟକ, ପ୍ରାଥମିକ ଶିକ୍ଷକ ସଙ୍ଗଠନ ପକ୍ଷରୁ ମନୋରଞ୍ଜନ ନାୟକ, କାମଦେବ ମିଶ୍ର, ଓଷ୍ଟା ସମ୍ପାଦକ ପ୍ରଦୀପ୍ତ ଦାସ, ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ ଶିକ୍ଷକ ନେତା ପ୍ରକାଶ ମହାନ୍ତି, ଅକ୍ଷୟ ମିଶ୍ର, ସନ୍ତୋଷ ଦାସ, ତାପସୀ ପ୍ରହରାଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରାତନ ଛାତ୍ରସଂସଦ ପକ୍ଷରୁ ଗଣଦୌଡ଼

ଭଦ୍ରକ ଅଫିସ,୩।୭

ଭଦ୍ରକ କଲେଜର ହୀରକ ଜୟନ୍ତୀ ଉପଲକ୍ଷେ ପୁରାତନ ଛାତ୍ରସଂସଦ ଓ ଆଲୁମିନି ଆସୋସିଏଶନ ପକ୍ଷରୁ ରବିବାର ପୂର୍ବାହ୍ନରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସହରର ମହତାବ ଛକଠାରୁ ଆରମ୍ଭ ହୋଇଥିବା ଗଣଦୌଡ଼କୁ ବିଧାୟକ ତଥା ଜୟନ୍ତୀ ଅଭ୍ୟର୍ଥନା କମିଟି ସଭାପତି ସଞ୍ଜୀବ କୁମାର ମଲ୍ଲିକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ପୌରାଧ୍ୟକ୍ଷ ଗୁଲମକ୍କୀ ହବିବ୍, ଏମ୍‌ପିଙ୍କ ପ୍ରତିନିଧି ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହ ଗଣଦୌଡ଼ରେ କିଛି ସମୟ ପାଇଁ ସାମିଲ ହୋଇଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ରସଂସଦର ସମ୍ପାଦକ ଅଜୟ କୁମାର ନାୟକ କଲେଜର ଇତିହାସ ଓ ଗାରିମା ବିଷୟରେ ଆଲୋକପାତ କରିବା ସହ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ ବୋଲି ଦାବି ଉପସ୍ଥାପନ କରିଥିଲେ। ହୀରକ ଜୟନ୍ତୀ ଜୟନ୍ତୀ ଉତ୍ସବ ଆସନ୍ତା ୬ ତାରିଖଠାରୁ ଆରମ୍ଭ ହେଉଥିବା ବେଳେ ଏହା ପର୍ଯ୍ୟାୟକ୍ରମେ ଏକ ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହାକୁ ଦୃଷ୍ଟିରେ ରଖି ଏହି ଗଣଦୌଡ଼ କରାଯାଇଛି ବୋଲି ପୂର୍ବତନ ଛାତ୍ର ଗଦାଧର ବଳ କହିଛନ୍ତି। ଗଣଦୌଡ଼ ଭଦ୍ରକ କଲେଜରେ ପହଞ୍ଚିବା ପରେ ଅଧ୍ୟକ୍ଷ ଡ. ସୁବୋଧ ଚନ୍ଦ୍ର ମିଶ୍ର, ବରିଷ୍ଠ ପ୍ରାଧାପକ ଦୁର୍ଗା ପ୍ରସାଦ ଦାସ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଡ. ମିଶ୍ର ପୁରାତନ ଛାତ୍ରମାନଙ୍କ ସହ କଲେଜ ପରିସରରେ ଥିବା ପ୍ରତିଷ୍ଠାତା ନରେନ୍ଦ୍ର ପ୍ରସାଦ ଦାସ, ଡ. ହରେକୃଷ୍ଣ ମହତାବ, ଛକଡ଼ି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୂର୍ବତନ ଛାତ୍ର ଜଗନ୍ନାଥ ସ୍ୱାଇଁ, ଡା. ପ୍ରଦୀପ ନାୟକ, ଜତିକାନ୍ତ ନାୟକ, ଅରୁଣ ଚାନ୍ଦ, ଦିବ୍ୟସିଂହ ନାୟକ, ଅଭୟ ଦ୍ୱିବେଦୀ, ପ୍ରମୋଦ ରାୟ, ଗୋଲକ ପ୍ରସାଦ ନାୟକ, ଶୁଭେନ୍ଦୁ ରାୟ ମହାପାତ୍ର, ଅପୂର୍ବ ରଞ୍ଜନ ବେହେରା, ଅକ୍ଷୟ କୁମାର ଦାସ, ଜ୍ୟୋତିପ୍ରକାଶ ମହାନ୍ତି, ପ୍ରକାଶଜ୍ୟୋତି ମହାକୁଡ଼, ସ୍ୱାଧୀନ ସୁନ୍ଦର ଦାସ, ରାକେଶ ପଣ୍ଡା, ତଥାଗତ ସାମଲ, ଅମ୍ବିକା ଦାସ ପ୍ରମୁଖ ପରିଚାଳନା କରିଥିଲେ।


ପୁରାତନ ଛାତ୍ରଙ୍କ ସହ ଅତିଥି।

